# ଗୋଟିଏ ବର୍ଷରେ ୫୦% ବଢ଼ିଛି ସୁନା ଦର



ନୂଆଦିଲ୍ଲୀ, ୮/୬(ହି.ସ): ସୁନାରେ ନିବେଶ କରୁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ସମୟ କାରଣ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛିୟ ପ୍ରତିବର୍ଷ ସୁନା ଦର ଦ୍ରୁତ ଗତିରେ ବଢ଼ିଚାଲିଛି। ସୁନରେ ନିବେଶ କରୁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ସମୟ କାରଣ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ପ୍ରତିବର୍ଷ ସୁନା ଦର ଦ୍ରୁତ ଗତିରେ ବଢ଼ିଚାଲିଛି। ଗତ ଏକ ବର୍ଷରେ ସୁନା ଦର ୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ସୁନା ଋଣ ନିୟମରେ ଏକ ବଡ଼ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛି। ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ୨୦୨୨ ମସିହାରୁ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରିବାରେ ଲାଗିଛନ୍ତି। ସୁନା ଇଟିଏଫରେ ନିବେଶ ମଧ୍ୟ ଆରମ୍ଭ ହୋଇଛି। ସୁନାର ଯୋଗାଣ ତୁଳନାରେ ଚାହିଦା ଢେର ଅଧିକ ଥିବାରୁ ଦର ବୃଦ୍ଧି ପାଉଛି। ଅକ୍ଟୋବର ୨୦୨୨ରେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ୧୫୦୦ ଡଲାରରୁ ବୃଦ୍ଧି ପାଇ ଆଜି ୩୪୦୦ ଡଲାରରୁ ଅଧିକ ହୋଇଛି। ଅର୍ଥାତ୍, ଗତ ୨ ବର୍ଷ ଏବଂ ୮ ମାସରେ, ସୁନା ୧୨୫ ପ୍ରତିଶତ ପର୍ଯ୍ୟନ୍ତ ଏକ ମହାନ ରିଟର୍ଣ୍ଣ ଦେଇଛି। ଗତ ଗୋଟିଏ ବର୍ଷରେ, ସୁନାର ମୂଲ୍ୟ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ, ସୁନା ପ୍ରାୟ ୧୮୦ ପ୍ରତିଶତ ରିଟର୍ଣ୍ଣ ଦେଇଛି।

# ଇ-କମର୍ସ ପ୍ଲାଟପର୍ମ ମୁକ୍ତ ହେବାକୁ 'ସିସିପିଏ' ଜାରି କଲା ଆଡ୍ଭାଇଜରି

ନୂଆଦିଲ୍ଲୀ, (ହି.ସ): କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ପକ୍ଷରୁ ସମସ୍ତ ଇ-କମର୍ସ ପ୍ଲାଟଫର୍ମ ଗୁଡ଼ିକୁ ବିଭ୍ରାନ୍ତିକର ଏବଂ ଅନୁଚିତ ବାଣିଜ୍ୟ ଅଭ୍ୟାସରେ ଲିପ୍ତ ନ ରହିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶନିବାର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି, ୩ ମାସ ମଧ୍ୟରେ ଇ-କମର୍ସ ପ୍ଲାଟ୍ଫର୍ମଗୁଡ଼ିକ ଡାର୍କ ପାଟର୍ନକୁ ଚିହ୍ନଟ କରିବା ପାଇଁ ସେଲ୍ଫ ଅଡିଟ୍ କରାନ୍ତୁ। ଏହାସହ ନିଜ ନିଜ ପ୍ଲାଟଫର୍ମକୁ ଡାର୍କ ପାଟର୍ନରୁ ମୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଇ-କମର୍ସ ପ୍ଲାଟ୍ଫର୍ମଗୁଡ଼ିକୁ ସିସିପିଏ ପରାମର୍ଶ ଦେଇଛି। ସେଲ୍ଫ ଅଡିଟ୍ ରିପୋର୍ଟର ଆଧାରରେ ଡାର୍କ ପାଟର୍ନରେ ଲିପ୍ତ ନ ଥିବା ନେଇ ଆତ୍ମ ଘୋଷଣା କରିବାକୁ ଇ-କମର୍ସ ପ୍ଲାଟ୍ଫର୍ମଗୁଡ଼ିକୁ ଏହି ଆଡ୍ଭାଇଜରିରେ ପ୍ରୋତ୍ସାହନ ଦିଆଯାଇଛି। ଏପରି ଆତ୍ମ ଘୋଷଣା ଦ୍ୱାରା ଇ-କମର୍ସ ପ୍ଲାଟଫର୍ମ ଗୁଡ଼ିକ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିବା ସହ ନିରପେକ୍ଷ ଡିଜିଟାଲ ଇକୋସିଷ୍ଟମକୁ ଏହା ଆହୁରି ପ୍ରୋତ୍ସାହିତ କରିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ଗ୍ରାହକମାନଙ୍କୁ ଭ୍ରମିତ କରୁଥିବା କିମ୍ବା ସେମାନଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ବିଭ୍ରାନ୍ତିକର ଡିଜାଇନ ଇଣ୍ଟରଫେସର ବ୍ୟବହାରରୁ ନିବୃତ୍ତ ରହିବାକୁ ସମସ୍ତ ଇ-କମର୍ସ ପ୍ଲାଟ୍ଫର୍ମକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ, ଡାର୍କ ପାଟର୍ନର ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ଜାରି ନିର୍ଦ୍ଦେଶାବଳୀର ଉଲ୍ଲଂଘନ ନେଇ ସିସିପିଏ କର୍ତ୍ତୃପକ୍ଷ କଡ଼ା ନଜର ରଖିଥିବା ଏହି ବିଜ୍ଞପ୍ତିରେ କୁହାଯାଇଛି। ଇ-କମର୍ସ ପ୍ଲାଟ୍ଫର୍ମରେ ଡାର୍କ ପାଟର୍ନ ହେଉଛି ଏକ କୌଶଳ, ଯାହାଦ୍ୱାରା ବିଭିନ୍ନ ୱେବ୍ସାଇଟ ଏବଂ ଆପ୍ଲିକେଶନର ବ୍ୟବହାର କରାଯାଇ ଗ୍ରାହକମାନଙ୍କୁ ବିଭ୍ରାନ୍ତ କରାଯିବା ସହ ଇଚ୍ଛା ବିରୋଧରେ ସାମଗ୍ରୀ କିଣିବାକୁ ସେମାନଙ୍କୁ ବାଧ୍ୟ କରାଯାଇଥାଏ। ଏହାଫଳରେ ଗ୍ରାହକମାନେ ବହୁ କ୍ଷତି ସହିଥାନ୍ତି ସେହିପରି ଏହି ପଦ୍ଧତିରେ ଗ୍ରାହକମାନେ ଖର୍ଚ୍ଚାନ୍ତ ହେବା ସହ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଉପରେ ବିପଦ ସୃଷ୍ଟି ହୋଇଥାଏ ଏବଂ ସେମାନେ ଅନାବଶ୍ୟକ କାର୍ଯ୍ୟରେ ଲିପ୍ତ ହେବାର ସମ୍ଭାବନା ବଢ଼ିଥାଏ। ଏହାଦ୍ୱାରା ବିଭିନ୍ନ ୱେବ୍ସାଇଟ, ପ୍ଲାଟଫର୍ମ ଏବଂ ଆପ୍ ଉପରେ ଗ୍ରାହକଙ୍କ ବିଶ୍ୱାସ କମିଥାଏ। ଡାର୍କ ପାଟର୍ନ ବଜାରର ଗତିଶୀଳତାକୁ ବିକୃତ କରିବା ସହ ଡିଜିଟାଲ ବାଣିଜ୍ୟର ଅଖଣ୍ଡତା ପ୍ରତି ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରିଥାଏ। ଇ-କମର୍ସ ପ୍ଲାଟଫର୍ମ ଗୁଡ଼ିକ ଅନେକ ସମୟରେ ଅନ୍ଲାଇନ୍ ଜରିଆରେ କିଣାକିଣି ଓ କ୍ରୟ ନିଷ୍ପତ୍ତି ନେବାବେଳେ ଉପଭୋକ୍ତାଙ୍କୁ ବିଭ୍ରାନ୍ତ କରି ଶୋଷଣ କରୁଥିବା ଅଭିଯୋଗ ହୋଇଥାଏ। ଜଣେ ୟୁଜରଙ୍କୁ ସେ ଚାହୁଁଥିବା ସାମଗ୍ରୀର ଗୋଟିଏ ମାତ୍ର ପିସ୍ ମହଜୁଦ୍ ରହିଛି କହି କୃତ୍ରିମ ଜରୁରୀ ସ୍ଥିତି ଅନୁଭୂତ କରାଇବା କିମ୍ବା ବିନା ସମ୍ମତିରେ ଅତିରିକ୍ତ ଆଇଟମ୍ ଯୋଡ଼ିଦେବା ଭଳି କୌଶଳକୁ ଡାର୍କ ପାଟନର୍ସ କୁହାଯାଏ। ଉପଭୋକ୍ତାଙ୍କୁ ଏଥିରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା କର୍ତ୍ତୃପକ୍ଷ (ସିସିପିଏ) ସମସ୍ତ ଇ-କମର୍ସ ପ୍ଲାଟ୍ଫର୍ମକୁ ଡାର୍କ ପାଟନର୍ସରୁ ମୁକ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଗତ ୭ ବର୍ଷରେ ୨୨୬ ମିଲିୟନ ଭାରତୀୟ ଦାରିଦ୍ର୍ୟରୁ ମୁକ୍ତ: ବିଶ୍ୱ ବ୍ୟାଙ୍କ ରିପୋର୍ଟ

ନୂଆଦିଲ୍ଲୀ, (ହି.ସ): ଭାରତ ଗତ ୭ ବର୍ଷ ମଧ୍ୟରେ ଦାରିଦ୍ର୍ୟ ନିର୍ମୂଳନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶ୍ୱ ବ୍ୟାଙ୍କର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ରୁ ୨୦୨୨-୨୩ ମଧ୍ୟରେ ପ୍ରାୟ ୨୨୬ ମିଲିୟନ ଭାରତୀୟ ଅତି ଦାରିଦ୍ର୍ୟରୁ ମକ୍ତି ପାଇଛନ୍ତି। ଏହି ଅଭୂତପୂର୍ବ ସଫଳତା ଭାରତର ଅନ୍ତର୍ଭୂକ୍ତିକରଣ ନୀତି, ଅର୍ଥନୈତିକ ସଂସ୍କାର ଏବଂ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ଫଳାଫଳ ବୋଲି ବିଶ୍ୱ ବ୍ୟାଙ୍କ ଉଲ୍ଲେଖ କରିଛି। ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ, ୨୦୧୧-୧୨ରେ ଭାରତରେ ଅତି ଦାରିଦ୍ର୍ୟରେ ଥିବା ଲୋକଙ୍କ ହାର ୨୭.୧% ଥିବାବେଳେ, ୨୦୨୨-୨୩ ସୁଦ୍ଧା ଏହା ୫.୩%କୁ ହ୍ରାସ ପାଇଛି। ଏହାମାନେ ପ୍ରାୟ ୨୬୯ ମିଲିୟନ ଲୋକ ଅତି ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି। ବିଶ୍ୱ ବ୍ୟାଙ୍କ ଅତି ଦାରିଦ୍ର୍ୟକୁ ଦୈନିକ ୨.୧୫ ଆମେରିକୀୟ ଡଲାର (ପ୍ରାୟ ୧୮୧ ଟଙ୍କା) ରୁ କମ ଆୟରେ ଜୀବନଯାପନ କରୁଥିବା ବ୍ୟକ୍ତି ଭାବେ ବ୍ୟାଖ୍ୟା କରିଛି। ୨୦୨୧ ପର୍ଚେସିଂ ପାୱାର ପାରିଟି (ପିପିପି) ଆଧାରରେ ନୂତନ ମାନଦଣ୍ଡ ସହିତ ଏହି ଗଣନା କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ଅତି ଦାରିଦ୍ର୍ୟ ହାର ୧୮.୪% ରୁ ୨.୮% ଏବଂ ସହରାଞ୍ଚଳରେ ୧୦.୭% ରୁ ୧.୧% କୁ ହ୍ରାସ ପାଇଛି। ଗ୍ରାମୀଣ-ସହରୀ ଦାରିଦ୍ର୍ୟ ବ୍ୟବଧାନ ମଧ୍ୟ ୭.୭ ପ୍ରତିଶତ ପଏଣ୍ଟରୁ ୧.୭ ପ୍ରତିଶତ ପଏଣ୍ଟକୁ କମିଛି, ଯାହା ବାର୍ଷିକ ୧୬% ହ୍ରାସକୁ ସୂଚାଇଛି। ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ପରି ରାଜ୍ୟଗୁଡ଼ିକ ଏହି ଦାରିଦ୍ର୍ୟ ହ୍ରାସରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ଯେଉଁମାନେ



୨୦୧୧-୧୨ରେ ଦେଶର ୬୫% ଅତି ଗରିବଙ୍କୁ ପ୍ରତିନିଧିତ୍ୱ କରୁଥିଲେ। ବିଶ୍ୱ ବ୍ୟାଙ୍କର ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମପିଆଇ) ଅନୁଯାୟୀ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣରେ ଉନ୍ନତି ଦେଖାଯାଇଛି। ୨୦୦୫-୦୬ରେ ଭାରତରେ ୫୩.୮% ଲୋକ ବହୁମୁଖୀ ଦାରିଦ୍ର୍ୟରେ ଥିବାବେଳେ, ୨୦୧୯-୨୧ ସୁଦ୍ଧା ଏହା ୧୬.୪% ଏବଂ ୨୦୨୨-୨୩ରେ ୧୫.୫% କୁ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସ୍ୱଚ୍ଛ ପାନୀୟ ଜଳ, ସଫାଇ ଏବଂ ବିଦ୍ୟୁତ ପରି ମୌଳିକ ସୁବିଧାରେ ନମନୀୟ ଉନ୍ନତି ହୋଇଛି। ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳରେ ନଳକୂଅ ଜଳ ସୁବିଧା ୨୦୧୯ରେ ୧୬.୮% ଥିବାବେଳେ ବର୍ତ୍ତମାନ ୭୪.୭% ହୋଇଛି। ଏହି ସଫଳତାରେ ସରକାରୀ ଯୋଜନା ଯେମିତି ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଯୋଜନାଗୁଡ଼ିକ ମାଧ୍ୟମରେ ସଫାଇ, ବିଦ୍ୟୁତ, ରୋଷେଇ ଇନ୍ଧନ ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହୋଇଛି। ଏହାସହ, ମହିଳା ଓ ଗ୍ରାମୀଣ କର୍ମଚାରୀଙ୍କ ମଧ୍ୟରେ ସ୍ୱନିଯୁକ୍ତିର ବୃଦ୍ଧି ଅର୍ଥନୈତିକ ଅଂଶଗ୍ରହଣକୁ ବୃଦ୍ଧି କରିଛି। ଯଦିଓ ଭାରତ ଦାରିଦ୍ର୍ୟ ହ୍ରାସରେ ବଡ଼ ସଫଳତା ହାସଲ କରିଛି, ତଥାପି ପ୍ରାୟ ୧୨୯ ମିଲିୟନ ଲୋକ ୨୦୨୪ରେ ଅତି ଦାରିଦ୍ର୍ୟରେ ରହୁଛନ୍ତି। ଏହାସହ, ମଧ୍ୟମ-ଆୟ ଦେଶ ଗୁଡ଼ିକ ପାଇଁ ଦୈନିକ ୬.୮୫ ଡଲାର ସୀମାରେ ଅଧିକ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେ ଅଛନ୍ତି। କୋଭିଡ-୧୯ ମହାମାରୀ ଏବଂ ବୃଦ୍ଧି ପାଉଥିବା ଖାଦ୍ୟ ଓ ଶକ୍ତି ମୂଲ୍ୟ ଦାରିଦ୍ର୍ୟ ନିର୍ମୂଳନରେ ଆହ୍ୱାନ ସୃଷ୍ଟି କରୁଛି।

## ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ଐତିହାସିକ ରେଳ ସେତୁ ନିର୍ମାଣ ପାଇଁ ଇସ୍ପାତ ଯୋଗାଇ ଭାରତର ଆଧୁନିକ ଭିତ୍ତିଭୂମି ପ୍ରକଳ୍ପରେ ସୁଦୃଢ଼ କରିଛି

ମୁମ୍ବାଇ, (ହି.ସ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍ଏନ୍ଏସ୍ ଇଣ୍ଡିଆ) ଦେଶର ଦୁଇଟି ଐତିହାସିକ ରେଳ ସେତୁ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଯୋଗାଇ ଭାରତର ଆଧୁନିକ ଭିତ୍ତିଭୂମି ପ୍ରକଳ୍ପରେ ଏହାର ଯୋଗଦାନକୁ ଆହୁରି ସୁଦୃଢ଼ କରିଛି। ଚେନାବ ନଦୀରେ ନିର୍ମିତ ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ପାଇଁ ୭୦% ଫ୍ଲାଟ୍ ଇସ୍ପାତ ଏବଂ ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ - ଅଞ୍ଜିଖାଡ୍ ପାଇଁ ୧୦୦% ଇସ୍ପାତ ଯୋଗାଇଛି। ଏପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବିଶ୍ୱସ୍ତରୀୟ ଇସ୍ପାତ ଯୋଗାଣ ଏଏମ୍ଏନ୍ଏସ୍ ଇଣ୍ଡିଆ ପାଇଁ ଗର୍ବର ବିଷୟ। ଚେନାବ ସେତୁ ପାଇଁ କମ୍ପାନି ପ୍ରାୟ ୨୫,୦୦୦ ମେଟ୍ରିକ୍ ଟନ୍ ଉଚ୍ଚଶକ୍ତି ସଂରଚନାତ୍ମକ ଇସ୍ପାତ ଯୋଗାଇଛି, ଯାହା ସେତୁ ନିର୍ମାଣ ପାଇଁ ମୋଟ ଇସ୍ପାତ ଆବଶ୍ୟକତାର ୭୦% ଅଟେ। ଅଞ୍ଜିଖାଡ଼ ସେତୁ ପାଇଁ କମ୍ପାନି ପ୍ରାୟ ୭,୦୦୦ ମେଟ୍ରିକ୍ ଟନ୍ କଷ୍ଟମାଇଜ୍ଡ ଫେବ୍ରିକେଟେଡ୍ ଇସ୍ପାତ ଷ୍ଟ୍ରକଚର ଯୋଗାଇଛି, ଯାହା ପ୍ରକଳ୍ପର ୧୦୦% ଇସ୍ପାତ ଆବଶ୍ୟକତା ପୂରଣ କରିଛି। ସମସ୍ତ ଇସ୍ପାତ ହାଜିରାରେ ଅବସ୍ଥିତ ଉତ୍ପାଦନ ୟୁନିଟରେ ନିର୍ମିତ ହୋଇଛି ଏବଂ କଠୋର ଗୁଣବତ୍ତା ଯାଞ୍ଚ ପରେ ବ୍ୟବହାର କରାଯାଇଛି। ଏହି ଐତିହାସିକ ସଫଳତା ବିଷୟରେ କମ୍ପାନିର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି। ଏହି ପଦକ୍ଷେପ 'ବିକଶିତ ଭାରତ'ର ଦୃଷ୍ଟିକୋଣର ଏକ ଜୀବନ୍ତ ଉଦାହରଣ। ଚେନାବ ଏବଂ ଅଞ୍ଜିଖାଡ଼ ସେତୁ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ ବରଂ ଭାରତର ବର୍ଦ୍ଧିତ ଆତ୍ମନିର୍ଭରଶୀଳତା ଏବଂ ଶିଳ୍ପ ଶକ୍ତିର ପ୍ରତୀକ।





# ହିନ୍ଦୁ ପିଲାଙ୍କ ନିକଟରେ ସଂସ୍କାର ଓ ପରିବାରରେ ଏକତା ଜରୁରୀ: ଡ.ଭାଗବତ

କାନପୁର,(ହି.ସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ରାଓ ଭାଗବତ କହିଛନ୍ତି ଯେ, ରାଷ୍ଟ୍ରକୁ ପରମବୈଭବରେ ପହଂଚାଇବା ଆମର ଲକ୍ଷ୍ୟ ଅଟେ। ଏଥିପାଇଁ ସମସ୍ତ ହିନ୍ଦୁଙ୍କୁ ଏକଜୁଟ ହୋଇ କାମ କରିବାକୁ ପଡିବ। ଏଥିପାଇଁ ପିଲାଙ୍କ ଠାରେ ସଂସ୍କାର ଓ ପରିବାରରେ ଏକତା ଜରୁରୀ ଅଟେ। ସରସଂଘଚାଳକ ଡା. ମୋହନ ରାଓ ଭାଗବତ ରବିବାର ନବାବଗଞ୍ଜ ଅବସ୍ଥିତ ଦୀନଦୟାଳ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକର୍ତ୍ତା ବିକାଶ ବର୍ଗରେ ସ୍ୱୟଂସେବକମାନେଙ୍କୁ ଉଦ୍ବୋଧନ ଦେଇଛନ୍ତି। ଏହା ପୂର୍ବରୁ ସେ ସକାଳେ ସଂଘସ୍ଥଳରେ ମଧ୍ୟ ଥିଲେ। ଏହି ସମୟରେ ସରସଂଘଚାଳକ ସ୍ୱୟଂସେବକମାନଙ୍କର ଶାରୀରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ଦେଖିଥିଲେ। ସଂବାଦ ଅଧିବେଶନରେ ଡା. ଭାଗବତ ସ୍ୱୟଂସେବକମାନଙ୍କୁ କହିଥିଲେ ଯେ ଦେଶକୁ ପରମବୈଭବରେ ପହଂଚାଇବା ହେଉଛି ଆମର ଲକ୍ଷ୍ୟ। ପଂଚ ପରିବର୍ତ୍ତନ ଉପରେ ଜୋର ଦେଇ ସେ କହିଛନ୍ତି ଯେ ସମସ୍ତ ହିନ୍ଦୁମାନେ ଏକତ୍ରିତ ହୋଇ କାମ କରିବା ଆବଶ୍ୟକ, ଯାହା ଦ୍ୱାରା ପ୍ରତ୍ୟେକ ଘରର ପ୍ରତି ଶିଶୁ ନିକଟରେ ସଂସ୍କାର ଓ ପରିବାରରେ ଏକତା ସ୍ଥାପିତ ହୋଇପାରିବ।

# ଜୁନ ୮ରୁ ୧୪ ଫ୍ରାନ୍ସ, ୟୁରୋପୀୟ ସଂଘ ଓ ବେଲଜିୟମ ଗସ୍ତରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର

ନୂଆଦିଲ୍ଲୀ,(ହି.ସ): ବୈଦେଶିକ ମନ୍ତ୍ରୀ ଡ଼ ଏସ୍. ଜୟଶଙ୍କର ଆଜି (୮ ଜୁନ୍) ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଫ୍ରାନ୍ସ, ଇଉରୋପିୟ ସଂଘ ଓ ବେଲ୍ଜିୟମ୍ର ସରକାରୀ ଦୌରା ଉପରେ ରହିବେ। ଏହି ଗସ୍ତ ଭାରତର ତିନିଟି ପ୍ରମୁଖ ସାଂଘିକ ଭାଗୀଦାର ଦେଶ ସହ ରଣନୈତିକ ସହଯୋଗକୁ ଆଉ ଅଧିକ ଶକ୍ତିଶାଳୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି। ବୈଦେଶିକ



ମନ୍ତ୍ରଣାଳୟ ଅନୁସାରେ, ଏହି ଗସ୍ତ ଭାରତ ଓ ଏହି ତିନୋଟି ଭାଗୀଦାର ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ଗଭୀର କରିବ ଓ ବହୁପକ୍ଷୀୟ ସହଯୋଗକୁ ଏକ ନୂଆ ଦିଗନ୍ତ ଦେବ। ଫ୍ରାନ୍ସ ଓ ଭାରତ ମଧ୍ୟରେ ରଣନୈତିକ ଭାଗୀଦାରିର ୨୫ ବର୍ଷ ପୂର୍ଣ୍ଣ ହୋଇଛି। ଉଭୟ ଦେଶ ମଧ୍ୟରେ ଗଭୀର ବିଶ୍ୱାସ ଓ ବହୁମୁଖୀ ସହଯୋଗ ଅଛି। ଏହି ଯାତ୍ରା ସମୟରେ ବୈଦେଶିକ ମନ୍ତ୍ରୀ ପ୍ୟାରିସ୍ ଓ ମାର୍ସେୟ ଯିବେ। ସେ ଫ୍ରାନ୍ସର ୟୁରୋପ ଓ ବିଦେଶ ବିଭାଗର ମନ୍ତ୍ରୀ ଜିନ୍-ନୋଏଲ୍ ବ୍ୟାରୋ ସହ ଦ୍ୱିପକ୍ଷୀୟ ଆଲୋଚନା କରିବେ। ଏହା ବ୍ୟତୀତ ସେ ଫ୍ରାନ୍ସର ବରିଷ୍ଠ ନେତାଙ୍କ, ଥିଙ୍କ ଟ୍ୟାଙ୍କ ଓ ମିଡିଆ ସହିତ ମଧ୍ୟ ଆଲୋଚନା କରିବେ। ସେ ମାର୍ସେୟରେ ଆୟୋଜିତ ହେଉଥିବା ବୈଦେଶିକ ମନ୍ତ୍ରୀ ମ୍ୟାକ୍ସିମ୍ ପ୍ରିଭୋ'ଙ୍କର ଉଦ୍ଘାଟନ ସଂସ୍କରଣରେ ମଧ୍ୟ ଅଂଶଗ୍ରହଣ କରିବେ।

## ଅମିତ ଶାହଙ୍କ ତାମିଲନାଡ଼ୁ ଗସ୍ତ

# ୨୦୨୬ ବିଧାନସଭା ନିର୍ବାଚନ ପାଇଁ ବିଜେପିର ଜୋରଦାର ପ୍ରସ୍ତୁତ



ଚେନ୍ନାଇ,(ହି.ସ): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ୨୦୨୬ ର ବିଧାନସଭା ନିର୍ବାଚନ ପାଇଁ ପାର୍ଟିର ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ରବିବାର ତାମିଲନାଡୁର ମଦୁରାଇରେ ପହଂଚିଛନ୍ତି। ଶାହଙ୍କର ଏହି ଯାତ୍ରାର ଉଦ୍ଦେଶ୍ୟ ପାର୍ଟିର ତୃଣମୂଳସ୍ତରରୁ ଶକ୍ତିଶାଳୀ କରିବା ଏବଂ ରାଜ୍ୟରେ ଏହାର ନିର୍ବାଚନୀ ସମ୍ଭାବନାକୁ ବୃଦ୍ଧି କରିବା। ନିଜ ଗସ୍ତ ସମୟରେ, ଶାହ ସ୍ଥାନୀୟ ପାର୍ଟି ନେତା, କାର୍ଯ୍ୟକର୍ତ୍ତା ଏବଂ ପଦାଧିକାରୀମାନଙ୍କ ସହିତ ଆଲୋଚନା କରି ପାର୍ଟିର ପ୍ରଦର୍ଶନର ମୂଲ୍ୟାୟନ କରିବେ ଏବଂ ସୁଧାର ଆବଶ୍ୟକ ଥିବା କ୍ଷେତ୍ରଗୁଡିକୁ ଚିହ୍ନଟ କରିବେ। ସେ ପାର୍ଟିର ସଂଗଠନାତ୍ମକ ଢାଂଚାକୁ ମଧ୍ୟ ସମୀକ୍ଷା କରିବେ ଏବଂ ଲୋକମାନଙ୍କ ମଧ୍ୟରେ ପାର୍ଟିର ପହଂଚ ଓ ପ୍ରଭାବ ବଢ଼ାଇବା ପାଇଁ ରଣନୀତି ତିଆରି କରିବେ। ମଦୁରାଇ ଯାତ୍ରା ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ସହର ଭାଜପାର ଦକ୍ଷିଣ ତାମିଲନାଡୁ ସଂଚାଳନର ଏକ ପ୍ରମୁଖ କେନ୍ଦ୍ର। ପାର୍ଟି ରାଜ୍ୟରେ ନିଜର ବିସ୍ତାର କରିବା ପାଇଁ କାମ କରୁଛି। ଶାହଙ୍କର ଏହି ଯାତ୍ରା ପାର୍ଟିର କ୍ୟାଡର ଓ ନେତୃତ୍ୱକୁ ଅତ୍ୟନ୍ତ ଶକ୍ତି ଦେବ।

# ମଣିପୁରର ୫ ଜିଲ୍ଲାରେ ଇଂଟରନେଟ ଓ ମୋବାଇଲ ଡାଟା ସେବା ୫ଦିନ ପାଇଁ ସସପେଣ୍ଡ

ଇମ୍ଫାଲ,(ହି.ସ): ମଣିପୁର ସରକାର ରାଜ୍ୟରେ ବିଗଡୁଥିବା ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି, ଇମ୍ଫାଲ୍ ୱେଷ୍ଟ, ଇମ୍ଫାଲ୍ ଇଷ୍ଟ, ଥୌବାଲ୍, କାକଚିଙ୍ଗ ଓ ବିଷ୍ଣୁପୁର ଜିଲ୍ଲାରେ ଇଂଟରନେଟ୍ ଓ ମୋବାଇଲ୍ ଡାଟା ସେବାକୁ ୫ ଦିନ ପାଇଁ ସସପେଣ୍ଡ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଶନିବାର ରାତି ୧୧:୪୫ ରୁ କାର୍ଯ୍ୟକାରୀ ହୋଇଛି। ନିର୍ଦ୍ଦେଶ ଅନୁସାରେ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଉତ୍ତେଜକ ବାର୍ତ୍ତା, ଘୃଣାମୂଳକ ଭାଷଣ ଏବଂ ମିଥ୍ୟା ସୂଚନା ପ୍ରଚାରିତ ହେବାର ଆଶଙ୍କା ଅଛି, ଯାହା ଲୋକମାନଙ୍କର ଭାବନାକୁ ଉଡ଼କାଇପାରେ ଏବଂ ସାଧାରଣ ଶାନ୍ତିକୁ ବିଘ୍ନିତ କରିପାରେ। ପ୍ରଶାସନ ଏହା ଆଶଙ୍କା ବ୍ୟକ୍ତ କରିଛି ଯେ, ଏହାର ଫଳରେ ସାମ୍ପ୍ରଦାୟିକ ବିବାଦ ବୃଦ୍ଧିପାଇପାରେ ଏବଂ ସାର୍ବଜନୀନ ଓ ବ୍ୟକ୍ତିଗତ ସମ୍ପତ୍ତିର କ୍ଷତି ହେବା ସମ୍ଭାବନା ଅଛି।

# ଗ୍ରେଟର ନୋଏଡାରେ ୧୨୫ କୋଟି ମୂଲ୍ୟରେ ଫ୍ଲ୍ୟାଟେଡ୍ ଫ୍ୟାକ୍ଟ୍ରି ନିର୍ମାଣ କରିବେ ଯୋଗୀ ସରକାର

ଗ୍ରେଟର ନୋଏଡା, (ହି.ସ): ଉତ୍ତର ପ୍ରଦେଶକୁ 'ଉଦ୍ୟମ ପ୍ରଦେଶ' ଭାବରେ ନିର୍ମାଣ କରିବା ଦିଗରେ ଯୋଗୀ ସରକାର ଦ୍ରୁତ ଗତିରେ ରାଜ୍ୟକୁ ଏକ ଟ୍ରିଲିଅନ୍ ଡଲାରର ଅର୍ଥନୀତି କରିବା ଦିଗରେ ଆଗକୁ ବଢୁଛନ୍ତି। ରାଜ୍ୟର ଏହି ଉନ୍ନତିରେ ଭାରୀ ଶିଳ୍ପଗୁଡ଼ିକର ଯେପରି ଭୂମିକା ଅଛି, ସେପରି ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ଶିଳ୍ପ ମଧ୍ୟ ବଡ଼ ଭୂମିକା ନିଭାଉଛି। ଏହାକୁ ଦୃଷ୍ଟିରେ ରଖି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟରେ ଏମଏସଏମଇ ଉଦ୍ୟମଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ଆଧୁନିକ ଢାଂଚାଗତ ବିକାଶ ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ବର୍ତ୍ତମାନ ଯମୁନା ଏକ୍ସପ୍ରେସୱେ ଔଦ୍ୟୋଗିକ ବିକାଶ ପ୍ରାଧିକରଣ ମଧ୍ୟ ଏକ ବଡ଼ ପଦକ୍ଷେ ନେବାକୁ ଯାଉଛି। ରବିବାର ରାଜ୍ୟ ସରକାରଙ୍କ ମୁଖପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କର ଦିଶାନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଏକ କାର୍ଯ୍ୟଯୋଜନା ତିଆରି କରାଯାଇଛି। ଏହି ଯୋଜନା ଅନୁଯାୟୀ, ଗୌତମବୁଦ୍ଧ ନଗରର ଗ୍ରେଟର ନୋଏଡାର ସେକ୍ଟର ୨୮ ରେ ଏକ ଆଧୁନିକ ଫ୍ଲ୍ୟାଟେଡ୍ ଫ୍ୟାକ୍ଟରୀ ତିଆରି ହେବ। ଏହି ଫ୍ଲ୍ୟାଟେଡ୍ ଫ୍ୟାକ୍ଟରୀ କମ୍ପ୍ଲେକ୍ସ ନିର୍ମାଣ ସହିତ ସଂପୃକ୍ତ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଓ ବର୍ତ୍ତମାନ ମାଷ୍ଟର ପ୍ଲାନ୍ ଓ ଅନ୍ୟାନ୍ୟ ରିପୋର୍ଟ୍ ତିଆରି କାମ ଚାଲିଛି। ପ୍ରକ୍ରିୟା ଅନୁସାରେ, ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ୨୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି। ଏଠାରେ ମୋଟ ୩୮,୬୬୫ ବର୍ଗ ମିଟର ଅଂଚଳ କ୍ଷେତ୍ରଫଳରେ ବେସମେଂଟ୍ ଓ ଗ୍ରାଉଣ୍ଡ ଫ୍ଲୋର ସହିତ ତିନି ମହଲା ଉଚ୍ଚ କମ୍ପ୍ଲେକ୍ସ ତିଆରି ହେବ, ଯାହାକୁ ୨୪ ଓ ୩୦ ମିଟର ଚଉଡା ସଂଯୋଗ ମାର୍ଗ ମାଧ୍ୟମରେ ହାଇୱେ ସହିତ ଯୋଡ଼ାଯିବ।

# ମାଟିତଳେ ଚାଲିବ ଭୁବନେଶ୍ୱର ମେଟ୍ରୋ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭୁବନେଶ୍ୱରରେ ବହୁ ପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ଏକ ବଡ ନିଷ୍ପତ୍ତି ହୋଇଛି। ଓଡ଼ିଶା ସରକାର ସ୍ପଷ୍ଟ କରିଛନ୍ତି ଯେ ରାଜଧାନୀ ସହରରେ ଇଲେଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ, ବରଂ ପ୍ରଶାସନ ବର୍ତ୍ତମାନ ଏକ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ପ୍ରବର୍ତ୍ତନ ପାଇଁ ଯୋଜନା ଉପରେ କାର୍ଯ୍ୟ କରୁଛି। ରବିବାର ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ କହିବା ଅବସରରେ ମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ବିଭିନ୍ନ ଲଜିଷ୍ଟିକ ଏବଂ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଇଲେଭେଟେଡ ମେଟ୍ରୋ ରେଳକୁ ପ୍ରତ୍ୟାଖ୍ୟାନ କରାଯାଇଛି। ସହରର ଭୂଦୃଶ୍ୟ ଏବଂ ଟ୍ରାଫିକ ଭିଡ଼ ଇଲେଭେଟେଡ ମେଟ୍ରୋକୁ ସମର୍ଥନ କରୁନାହିଁ। ଆମେ ଏବେ ମାଟିତଳେ ମେଟ୍ରୋ ରେଳ ବ୍ୟବସ୍ଥା ସହ ଆଗକୁ ବଢୁଛୁ, ମନ୍ତ୍ରୀ ସୂଚନା ଦେଇଛନ୍ତି। ହରିଚନ୍ଦନଙ୍କ ଅନୁଯାୟୀ, ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏକ ନୂତନ ରୁଟ ନିର୍ଦ୍ଧାରଣ କରାଯାଇ ନାହିଁ। ନଗର ଉନ୍ନୟନ ବିଭାଗକୁ ଏହା ପାଇଁ ଅନୁରୋଧ କରାଯାଇଛି ଏବଂ ସର୍ଭେ ପାଇଁ କିଛି ସମୟ ଲାଗିବ। ଇଲେଭେଟେଡ ମେଟ୍ରୋ କରିଡର ଭୁବନେଶ୍ୱର ଏବଂ ଏହାର ଆଖପାଖର ସୌନ୍ଦର୍ଯ୍ୟକୁ କ୍ଷତି କରିବ। ତେଣୁ, ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା କିପରି କାର୍ଯ୍ୟକାରୀ ହେବ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା କେଉଁ ସର୍ଭେ କରାଯିବ, ତାହା ଆଲୋଚନା କରାଯିବ। ପରବର୍ତ୍ତୀ ସମୟରେ, ଓଡ଼ିଶା ସରକାର ମୂଳତଃ ଅନୁମୋଦନ ନେବା ନିଷ୍ପତ୍ତି ନେବ, ମନ୍ତ୍ରୀ କହିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଆଗୁଆ କାର୍ଯ୍ୟ ଆରମ୍ଭ କରିଦେଇଛି। ପ୍ରସ୍ତାବିତ ମାଟିତଳେ ବ୍ୟବସ୍ଥା ପାଇଁ ସବୁଠାରୁ ଉପଯୁକ୍ତ ରୁଟ ଏବଂ ଭିତ୍ତିଭୂମି ଆବଶ୍ୟକତା ମୂଲ୍ୟାଙ୍କନ କରିବା ପାଇଁ ସମ୍ଭାବ୍ୟତା ଅଧ୍ୟୟନ ଏବଂ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀମାନଙ୍କ ସହ ପରାମର୍ଶ ଚାଲିଛି।

## ସିଏମ୍ ଟ୍ରଫି ଅଣ୍ଡର-୧୫ ଫୁଟବଲ ଚାମ୍ପିୟାନସିପ, ବରଗଡ଼ ଏଫସି ଚାମ୍ପିଅନ୍

ଭୁବନେଶ୍ୱର/ ରାଉରକେଲା, (ହି.ସ): ସିଏମ୍ ଟ୍ରଫି - ଲକ୍ଷ୍ୟ ଏକ, ପ୍ରତିଭା ଅନେକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିଲା ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ -୨୦୨୫। ବିଗତ ୧୬ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟର ବହୁ ପ୍ରତିକ୍ଷୀତ ଫାଇନାଲ୍ ମ୍ୟାଚ୍ ଆଜି ରାଉରକେଲା ସ୍ଥିତ ବିର୍ସାମୁଣ୍ଡା ଷ୍ଟାଡ଼ିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଫାଇନାଲ୍ ମ୍ୟାଚ୍ ବରଗଡ଼ ଏଫସି ଏବଂ ଭୁବନେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଏଫସି ଭୁବନେଶ୍ୱର ଏଫସିକୁ ୩-୨ ଗୋଲ୍ ବ୍ୟବଧାନରେ ପରାସ୍ତ କରି ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍ -୨୦୨୫ର ବିଜେତା ହୋଇଛି। ଆଜି ଅନୁଷ୍ଠିତ ହୋଇଥିବା ଫାଇନାଲ୍ ମ୍ୟାଚ୍‌ରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମ ଥର ପାଇଁ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଇଥିଲା। ତୃଣମୂଳ ସ୍ତରରୁ ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିବ ସେହି ଲକ୍ଷ୍ୟରେ ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଆୟୋଜିତ ହୋଇଥିଲା। ଆଜି ଏହି ଟୁର୍ଣ୍ଣାମେଂଟ ସମାପ୍ତ ହୋଇଛି। ବିଜୟୀ ଦଳ ବରଗଡ଼ ଏଫସି ଏବଂ ଏହି ଚାମ୍ପିୟାନସିପ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ନିଶ୍ଚିତ ରୂପେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ପ୍ରକୃଷ୍ଟ ମଂଚ ପ୍ରଦାନ କରିପାରିଛି। ଏହି ଚାମ୍ପିୟାନସିପ୍‌ରୁ ଶ୍ରେଷ୍ଠ ୧୦୦ଜଣ କ୍ରୀଡ଼ାବିତମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହିତ ଆଗାମୀ ଦିନରେ ବିଭିନ୍ନ କ୍ରୀଡ଼ା ଯଥା ଆଥଲେଟିକ୍ସ, ବ୍ୟାଡ଼ମିଂଟନ, ଖୋଖୋ, କବାଡ଼ି, ହକି ଓ ଅନ୍ୟାନ୍ୟ କ୍ରୀଡ଼ାକୁ ମଧ୍ୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍‌ରେ ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ। ଆଜିର ସିଏମ୍ ଟ୍ରଫି ଚାମ୍ପିୟାନସିପ୍‌ର ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ଫୁଟବଲ୍ ଆସୋସିଏସନ୍‌ର ପ୍ରେସିଡେଂଟ ତଥା ଝାରସୁଗୁଡ଼ା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ସିଏମ୍ ଟ୍ରଫି ଚାମ୍ପିୟାନସିପ୍ ଓଡ଼ିଶାର ସମସ୍ତ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଏହି ପ୍ରତିଯୋଗିତାର ଆୟୋଜନ ମାଧ୍ୟମରେ କ୍ରୀଡ଼ା ପ୍ରତିଭା ବିକଶିତ ହୋଇପାରିଛି ଏବଂ ରାଜ୍ୟରେ କ୍ରୀଡ଼ାର ବିକାଶର ଏହି ଜୟଯାତ୍ରା ଆଗକୁ ମଧ୍ୟ ଏହିପରି ଭାବେ ଜାରି ରହିବ ବୋଲି ସେ କହିଛନ୍ତି। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଫୁଟବଲ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ସିଏମ୍ ଟ୍ରଫି (ଅଣ୍ଡର-୧୫) ଫୁଟବଲ୍ ଚାମ୍ପିୟନ୍‌ସିପ୍‌ର ପ୍ରଥମ ପର୍ଯ୍ୟାୟ ଗତ ଜାନୁଆରୀ ମାସ ୧୬ ତାରିଖରୁ ଏପ୍ରିଲ ମାସ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ଅଂଶଗ୍ରହଣ କରିଥିଲେ। ଏହାପରେ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍ ସ୍ତରୀୟ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସ୍ତରରୁ ଚୟନିତ ହୋଇ ଆସିଥିବା ଦଳକୁ ୪ ଗୋଟି ଜୋନ୍ (ଜୋନ୍- ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଏବଂ ବ୍ରହ୍ମପୁର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଜୋନାଲ୍ ସ୍ତରୀୟ ପ୍ରତିଯୋଗିତା ସମାପ୍ତ ହେବା ପରେ ସିଏମ୍-ଟ୍ରଫି ସେମି ଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରୁ ଜୋନାଲ୍ ଏବଂ ଜୋନାଲ୍‌ରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଏହିପରି ଭାବରେ ତିନୋଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିବାରୁ ବାସ୍ତବରେ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିଛି। ଏଥିସହିତ ସିଏମ୍ ଟ୍ରଫି ଚାମ୍ପିୟନ୍‌ସିପର ଲୋଗୋ, ଟ୍ରଫି, ଜର୍ସି ଓ ଆନଥେମ୍‌କୁ ମଧ୍ୟ ନିକଟ ଅତୀତରେ ଉନ୍ମୋଚିତ କରାଯାଇଥିଲା। କ୍ରୀଡ଼ାବିତମାନଙ୍କ ମଧ୍ୟରେ ରହିଥିବା ଅଦମ୍ୟ ଉତ୍ସାହ ଓ ଦୃଢ଼ ପ୍ରତିବଦ୍ଧତାକୁ ଆନଥେମ୍‌ରେ ଖୁବ୍ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

## ଦୁଇ ଶାବକଙ୍କୁ ଜନ୍ମ ଦେଲା ବାଘୁଣୀ ମୌସୁମୀ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜନ୍ମ ୨ ବାଘ ଶାବକ ଜନ୍ମ ହୋଇଛନ୍ତି। ଧଳା ବାଘୁଣୀ ମୌସୁମୀ ଦୁଇଟି ଛୁଆ ଜନ୍ମ ଦେଇଛି। ଫଳରେ ନନ୍ଦନକାନନରେ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ଜୁନ୍ ୭ ତାରିଖ ରାତି ୯ଟା ୧୫ ମିନିଟରେ ଚିଡିଆଖାନାର ଖୁଆଡ ନମ୍ବର '୨୮-ବି'ରେ ସେ ଏହି ଦୁଇ ଛୁଆଙ୍କୁ ଜନ୍ମ ଦେଇଛି। ନନ୍ଦନକାନନ କର୍ତ୍ତୃପକ୍ଷ ଶନିବାରରାତିରୁ ତା ଉପରେ କଡ଼ା ନଜର ରଖିଥିଲେ। ଜନ୍ମ ହୋଇଥିବା ଦୁଇ ବାଘ ଛୁଆ ଦୁଇଟି ଏବେ ମା' ପାଖରେ ଥିବାରୁ ସେମାନଙ୍କର ଲିଙ୍ଗ ଜଣା ପଡିନାହିଁ। ଧଳା ବାଘ ମୌସୁମୀ ଓ ସାଧାରଣ ରଙ୍ଗର ମହାବଳ ବାଘ ରାଜେଶର ମିଳନରେ ଏହି ଦୁଇ ଛୁଆ ଜନ୍ମ ହୋଇଛନ୍ତି। ଏହି ଦୁଇ ବାଘ ପୂର୍ବରୁ ମଧ୍ୟ ପିତା ମାତା ହୋଇସାରିଛନ୍ତି। ଏମାନେ ପୂର୍ବରୁ ୪ଟି ସନ୍ତାନ ଜନ୍ମ କରିସାରିଛନ୍ତି। ଶନିବାର ରାତିରେ ଜନ୍ମ ହୋଇଥିବା ବାଘ ଛୁଆଙ୍କୁ ମିଶାଇଲେ ନନ୍ଦନ କାନନରେ ବାଘ ସଂଖ୍ୟା ୨୯ରେ ପହଞ୍ଚିଛି। ଏଥିରୁ ୧୭ଟି ବାଘ ଥିବା ବେଳେ ୧୦ଟି ବାଘୁଣୀ ଓ ୨ଟି ଶାବକ ଅଛନ୍ତି। ସେହିପରି ୨୯ଟି ବାଘ ଭିତରୁ ୧୯ଟି ହଳଦିଆ ରଙ୍ଗର, ୬ଟି ଧଳା ଓ ୪ଟି ମେଲାନିଷ୍ଟିକ ରଙ୍ଗର ବାଘ ଚିଡିଆଖାନାରେ ଅଛନ୍ତି।

## ନୂଆ ଢାଞ୍ଚାରେ ତିଆରି ହେବ ଲୋକସେବା ଭବନ ଓ ବିଧାନସଭା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ନୂଆ ଢାଂଚାରେ ତିଆରି ହେବ ଲୋକସେବା ଭବନ ଓ ବିଧାନସଭା । ପୁରୁଣା ବିଲ୍ଡିଂର ରୂପରେଖ ବଦଳା ଯିବା ନେଇ ବିଚାର ଚାଲିଥିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସେହିପରି ଭୁବନେଶ୍ୱରରେ ତିଆରି ହେବ ଓଡ଼ିଶା ମଣ୍ଡ । ଚନ୍ଦ୍ରଶେଖରପୁରରେ ଜାଗା ଚିହ୍ନଟ ହୋଇଛି । ଏହା ମଲ୍ଟି କନଭେନସନ ସେଂଟର ହେବ । ଲୋକଙ୍କ ରହଣି ସହ ୧୦ ହଜାର ଲୋକ ବସିବାର ସୁବିଧା ରହିବ । ରାଜ୍ୟରେ ଡିଜାଷ୍ଟର ରିଲିଭେଂଟ ବିଲଡିକଙ୍ଗ ତିଆରି ହେବ। ସମୟ ସୀମା ଭିତରେ ସବୁ ବିଲଡିଂ କାମ ସରିବ ବୋଲି କହିଛନ୍ତି ପୂର୍ତ୍ତ ମନ୍ତ୍ରୀ। ନୂଆ ଟେକ୍ନୋଲୋଜି ଜରିଆରେ କେମିତି କମ ଖର୍ଚ୍ଚରେ ହେବ ଏ ନେଇ ଆଇବିସି ସହ ଆଲୋଚନା ହୋଇଛି । ନୂଆ ଇଞ୍ଜିନିଅରଙ୍କୁ ଏ ନେଇ ଟ୍ରେନିଂ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା; ଚଣ୍ଡୀ ମନ୍ଦିର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ : ଉପ ମୁଖ୍ୟମନ୍ତ୍ରୀ



କଟକ, (ଡିକେ ନ୍ୟୁଜ୍): ଚଣ୍ଡୀ ମନ୍ଦିର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ। ଏସସିବି କାର୍ଯ୍ୟ ଜଲଦି ଶେଷ କରିବା ପାଇଁ କରାଗଲା ଆଲୋଚନା। ଏସସିବି କାର୍ଯ୍ୟ ବିଳମ୍ବ ନେଇ କାମ କରୁଥିବା କମ୍ପାନୀ ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ସିଡିଏ ଅଧୀନରେ ଚାଲୁଥିବା କାର୍ଯ୍ୟ ମଧ୍ୟ ଆଲୋଚନା କରାଯାଇଛି। ଚାଲୁଥିବା କାର୍ଯ୍ୟକୁ ଶେଷ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ ଗ୍ରିଡ଼ ବସାଇବା ପାଇଁ ପ୍ରସ୍ତାବ ଆସିଛି ସେ ନେଇ ଆଲୋଚନା କରାଯାଇଛି। ଆଉ କିଛି ପ୍ରସଙ୍ଗ ରହିଯାଇଛି ମୌସୁମୀ ଅଧିବେଶନ ପରେ ପରେ ଆଗାମୀ ବୈଠକରେ ଆଲୋଚନା କରାଯିବ ବୋଲି ଦିନିକିଆ କଟକ ଗସ୍ତରେ ଆସିଥିବା ଉପ ମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି। କଟକରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ସୂଚନା ଦେଇଛନ୍ତି। ଏଥିସହ ଆଇନଶୃଙ୍ଖଳା ସ୍ଥିତିର ମଧ୍ୟ ସମୀକ୍ଷା କରିଛନ୍ତି କେ ଭି ସିଂଦେଓ। ସମୀକ୍ଷାରେ ଉପସ୍ଥିତ ଥିଲା ଜିଲ୍ଲାର ସମସ୍ତ ବିଧାୟକ, ଡିସିପି, ଜିଲ୍ଲାପାଳ, କଟକ ଗ୍ରାମାଞ୍ଚଳ ଏସପିଙ୍କ ସମେତ ବିଭିନ୍ନ ଅଧିକାରୀ ସାମିଲ ରହିଥିଲେ। ତେବେ କଟକରେ ଚାଷର କିଭଳି ଉନ୍ନତି ହେବ ସେ ନେଇ ଆଲୋଚନା କରିବା ସହ ଚାଷୀମାନେ କିଭଳି ସଫଳ ହେବେ ସେ ନେଇ ଆଲୋଚନା କରାଯାଇଥିବା କହିଛନ୍ତି ଜିଲ୍ଲାପାଳ।

## ଶୌଣ୍ଡିକ ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଲେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ହି.ସ): ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରବିବାର ଦିନ ନବରଙ୍ଗପୁର ନୁଆବନ୍ଧ ସାହି, ସାଇ କଲ୍ୟାଣ ମଣ୍ଡପରେ ଶୌଣ୍ଡିକ ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ସମାଜ ଗଠନର ମୂଳ ଲକ୍ଷ୍ୟ ହେଉଛି ନିଜ ଭିତରେ ଏକତା ଓ ସଂଗଠିତ ହେବା। ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ି ସମାଜରେ ନିଜ ଜାତିର ପରିଚୟକୁ ବଢାଇବା। ପଛୁଆବର୍ଗରେ ଆସୁଥିବା ଏହି ଲୋକମାନେ ମଧ୍ୟ ଆଗକୁ ବଢ଼ିବାରେ ସକ୍ଷମ ହେଉଛନ୍ତି। ବର୍ତ୍ତମାନ ଆମ ସରକାର ପଛୁଆବର୍ଗଙ୍କ ହାତକୁ ଟାଣ କରୁଛନ୍ତି, ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ଦ୍ୱାରା ସେମାନଙ୍କ ଜୀବନ ଉନ୍ନତ ମାନର ହୋଇପାରିଛି।

## ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗଙ୍କ ଛତିଶଗଡ଼ ରାୟପୁର ଉତ୍ତର ବିଧାୟକ ପୁରନ୍ଦର ମିଶ୍ରଙ୍କ ସହ ଅଲୋଚନା

ଭୁବନେଶ୍ୱର, (ହି.ସ.) ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ ଆଜି ଓଡ଼ିଶା ଗସ୍ତରେ ଥିବା ଛତିଶଗଡ଼ ରାୟପୁର ଉତ୍ତର ବିଧାନସଭା କ୍ଷେତ୍ରର ବିଧାୟକ ଶ୍ରୀ ପୁରନ୍ଦର ମିଶ୍ରଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ଉଭୟ ନେତାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, ଭିତିଭୂମି ଓ ସାମାଜିକ କଲ୍ୟାଣ ଭଳି ବିଭିନ୍ନ କ୍ଷେତ୍ରରେ ଅନ୍ତର୍ରାଜ୍ୟୀୟ ସହଯୋଗ ବଢ଼ାଇବା ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନା ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ଓ ସହଯୋଗ ମାଧ୍ୟମରେ ଏକାଠି ବିକାଶ ଯୋଜନା ଗଠନ କରିବା ଉପରେ ଜୋର ଦିଆଯାଇଥିଲା, ଯାହା ଦ୍ୱାରା ସୀମାନ୍ତ ଅଂଚଳର ଲୋକମାନେ ନିଜସ୍ୱ ଉପକୃତ ହେବେ। ଡ଼ା. ମହାଲିଙ୍ଗ ଆଶା ପ୍ରକାଶ କରି କହିଛନ୍ତି ଯେ, ଏହି ଆଲୋଚନା ଉଭୟ ରାଜ୍ୟ ମଧ୍ୟର ସମ୍ପର୍କକୁ ଅଧିକ ଘନିଷ୍ଠ କରିବ ।

## କଟକରେ ନାରୀଶକ୍ତି ମେଳାର ଶୁଭାରମ୍ଭ ୧୩ରେ



ଭୁବନେଶ୍ୱର, (ହି.ସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ କଟକରୁ ଆରମ୍ଭ ହେବାକୁ ଯାଉଛି ନାରୀ ଶକ୍ତି ମେଳା। ଆସନ୍ତା ୧୩ ତାରିଖରେ ତଳ ବାଲିଯାତ୍ରା ପଡିଆରେ ଏହି ନାରୀ ଶକ୍ତି ସମ୍ମିଳନୀ ଆୟୋଜିତ ହେବ। ଯେଉଁଥିରେ କଟକ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ମହିଳାମାନେ ଯୋଗ ଦେବେ। ରାଜ୍ୟବ୍ୟାପୀ ହେବାକୁଥିବା ଏହି ନାରୀଶକ୍ତି ମେଳାର ଶୁଭାରମ୍ଭ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ବାଲିଯାତ୍ରା ପଡିଆରୁ ଶୁଭାରମ୍ଭ କରିବେ। ଆଜି ବାଲିଯାତ୍ରା ପଡିଆର ମେଳାସ୍ଥଳ ବୁଲିବା ସହ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ସିଂଦେଓ। ଏହି ନାରୀ ଶକ୍ତି ମେଳା ସହ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ପାଇଁ ବାଲିଯାତ୍ରା ପଡ଼ିଆରେ ୧୩ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସମ୍ମିଳନୀ, କାର୍ଯ୍ୟକ୍ରମ ଓ ନୃତ୍ୟ ଗୀତ ମାଧ୍ୟମରେ ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରାଯିବ।

## ୩୦ ଜିଲ୍ଲା ପାଇଁ ୩୦୦୦ ବିଶିଷ୍ଟ ରୁମର ଗେଷ୍ଟ ହାଉସ

ଭୁବନେଶ୍ୱର,(ଡିକେ ନ୍ୟୁଜ୍): ଭୁବନେଶ୍ୱରରେ ୩୦ଟା ଜିଲ୍ଲା ପାଇଁ ୩୦୦୦ ବିଶିଷ୍ଟ ରୁମର ଗେଷ୍ଟ ହାଉସ ହେବ। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଦୂରଦୂରାନ୍ତରୁ ସ୍ୱାସ୍ଥ୍ୟ ସମସ୍ୟା ଆଦି ଅନ୍ୟାନ୍ୟ ସମସ୍ୟା ନେଇ ଆସୁଥିବା ଲୋକେ ରହିବେ। ବିଭିନ୍ନ ଜିଲ୍ଲା ନାଆଁରେ ହେବ ଭବନ। ଜାଗା ନିର୍ଧାରଣ ସରିଛି। ୨୦୨୭ରେ ସମ୍ପୂର୍ଣ୍ଣ ହେବ କାମ।

## ବର୍ଷାରେ ଭିଜିବ ରଜ ! ଆସୁଛି ଲଘୁଚାପ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଆସୁଛି ଲଘୁଚାପ। ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ସମ୍ଭାବନା ଦେଖା ଦେଇଛି। ରବିବାର ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୧୪-୧୬ ଜୁନ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ସମ୍ଭାବନା ରହିଛି। ୧୨ ଜୁନ ପରଠାରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବା ସହିତ ୧୪ ତାରିଖଠାରୁ ଧୀରେ ଧୀରେ ବର୍ଷାର ବିସ୍ତୃତି ବଢିପାରେ। ଏଥିସହ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ସହିତ ସୋମବାର ପାଇଁ ୨୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଚେତାବନୀ ମିଳିଛି। ଏହାର ପ୍ରଭାବରେ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଉପରେ ପାଗ ମେଘୁଆ ରହିବ। ଆକାଶ ବାଦଲରେ ଆଚ୍ଛାଦିତ ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ, ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବା ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ।

## ବଡ଼ ଦାଣ୍ଡରେ ବିକ୍ରି ହେବନି ଆମିଷ ଓ ମଦ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବଡ଼ ଦାଣ୍ଡରେ ବିକ୍ରି ହେବନି ଆମିଷ ଓ ମଦ। ଶ୍ରୀମନ୍ଦିର ଦୁଇ କିଲୋମିଟର ପରିଧି ଭିତରେ ରହିବନି ମଦ ଦୋକନ କି ବାର । ପୁରୀକୁ କରାଯିବ ପିଲିଗ୍ରିମ ସିଟି । ବଡ଼ ଦାଣ୍ଡ ସବୁ ଘରର ୟୁନିଫର୍ମ ହାଇଟ ଓ ହାଇଟ ରହିବ। ବଡ଼ ଦାଣ୍ଡ ପଟେ ମୁହଁ କରିଥିବା ଘର ଗୁଡିକର ରୂପରେଖ ବଦଳାଯିବ। ଏନେଇ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

## କୈବଲ୍ୟ କଣ୍ଠ ସ୍ୱର୍ଗତଃ ଅର୍ଜୁନ ଚରଣ ସାମଲ ସଙ୍ଗୀତ ସନ୍ଧ୍ୟା ଆୟୋଜିତ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡ଼ିଶାର ପ୍ରଥିତଯଶା ସଙ୍ଗୀତଜ୍ଞ ସ୍ୱରସାଧକ ଏକାଧାରରେ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ କୈବଲ୍ୟ କଣ୍ଠ ସ୍ୱର୍ଗତଃ ଅର୍ଜୁନ ଚରଣ ସାମଲଙ୍କ ୮୨ ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଏକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ସୁନାମଧନ୍ୟ କଣ୍ଠଶିଳ୍ପୀ ବର୍ଷିୟାନ୍ ସଙ୍ଗୀତ ସାଧକ ଦିବାକର ମହାନ୍ତିଙ୍କୁ କୈବଲ୍ୟ କଣ୍ଠ ଅର୍ଜୁନ ଚରଣ ସାମଲ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାର ସାହିତ୍ୟ ତଥା ସଙ୍ଗୀତ ଜଗତର ଅନେକ୍ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ କୈବଲ୍ୟ କଣ୍ଠ ଅର୍ଜୁନ ସାମଲ ଓଡିଆ ସଙ୍ଗୀତ ଜଗତକୁ ଭେଟିଦେଇଥିବା ଅନେକ ଚିରସବୁଜ ତଥା କାଳଜୟୀ ସୃଜନୀ ଗୁଡିକୁ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ଚମତ୍କାର ଢଙ୍ଗରେ ପରିବେଷଣ କରିଥିଲେ। ଓଡିଶୀ ଏବଂ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଜଗତର ସୁନାମଧନ୍ୟ ଗୁରୁ ବାଳକୃଷ୍ଣ ବେହେରା, ରୂପକ କୁମାର ପରିଡ଼ା, ପ୍ରତିମା ରାଣୀ ପଣ୍ଡା, ସୋମା କର୍ମକାର, ଚନ୍ଦ୍ରିକା ଦାସ, ଚିତ୍ତରଞ୍ଜନ ସାହୁ, ଦିବ୍ୟଜ୍ୟୋତି ବେହେରା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ନିଜ ଚମତ୍କାରୀ ସଙ୍ଗୀତ ସଂରଚନା ମାଧ୍ୟମରେ ସୃଷ୍ଟି କରିଥିବା ଅନେକ୍ ସଙ୍ଗୀତ ଶିଳ୍ପୀଙ୍କ ବ୍ୟତୀତ ତାଙ୍କ ପରିବାରରେ ତାଙ୍କ ଜ୍ୟୋଷ୍ଠ ପୁତ୍ର ଦେବାଶିଷ ସାମଲ, କନିଷ୍ଠା ପୁତ୍ରବଧୂ ମାନସୀ ସୁନ୍ଦର ରାୟ, ଦୁଇ ପୌତ୍ରୀ ଶୃତି ସାମଲ ଓ ରିଦିମୟ ରାୟ ସ୍ୱର୍ଗତ ସାମଲଙ୍କ ଅମର ସଙ୍ଗୀତ ଗୁଡକିର ପୁନଃ ପରିବେଷଣ କରିଥିଲେ। ଇଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ବାଦ୍ୟ ଯନ୍ତ୍ରରେ ଓଡ଼ିଶାର ଅନେକ ପ୍ରତିଷ୍ଠିତ ବାଦ୍ୟ ଶିଳ୍ପୀ ଯଥା ଦୁଷ୍ମନ୍ତ ପରିଡା, ଅଭିରାମ ନନ୍ଦ, ସୌମ୍ୟଜିତ ପରିଡା, ସଚ୍ଚିଦାନନ୍ଦ, ଦେବାଶିଷ କର, କ୍ରିଷ୍ଣା ଧ୍ୱନି ସମ୍ଭାରକୁ ଅନେକ ଭାବରେ ରସୋସିକ୍ତ କରିପାରିଥିଲେ।

## ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାରେ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାରେ ବିଜୟୀ ବରଗଡ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଅଲ ମିଡିଆରେ ଲେଖିଛନ୍ତି,. ପ୍ରତିଭା ଅନେକ ଲକ୍ଷ୍ୟ ଏକର ପ୍ରେରଣା ସହ କ୍ରୀଡ଼ା ପ୍ରତିଭାମାନଙ୍କର ଦକ୍ଷତା ବୃଦ୍ଧି ସହ ରାଜ୍ୟରେ କ୍ରୀଡ଼ାକୁ ଅଧିକ ଉନ୍ନତ ଓ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଅଣ୍ଡର-୧୫ ସିଏମ୍ ଟ୍ରଫି ୨୦୨୫ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରେ ବିଜୟୀ ହୋଇଥିବା ବରଗଡ଼ ଏଫ୍ ସି କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଉତ୍ସାହଜନକ କ୍ରୀଡ଼ା ନୈପୁଣ୍ୟ ଓ ଓଡ଼ିଶାର ଫୁଟବଲ କ୍ରୀଡ଼ାର ସାମର୍ଥ୍ୟ ପ୍ରଦର୍ଶନ କରିଥିବାରୁ ଭୁବନେଶ୍ୱର ଏଫ୍ ସି ସମେତ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ମଧ୍ୟ ମୋର ଶୁଭକାମନା। ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ ତଥା ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

## ଗୋଟିଏ ମୋବାଇଲ୍ ଆପରେ ରହିବ ସମସ୍ତ ରାଜସ୍ୱ ସେବା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସମସ୍ତ ରାଜସ୍ୱ ସେବା ରହିବ ଗୋଟିଏ ମୋବାଇଲ ଆପରେ ।ଘରେ ବସି ଲୋକ ।ଇବେ ସମସ୍ତ ସୁବିଧା।ଖୁବ୍ ଶୀଘ୍ର ଲଂଚ ହେବ ଏହି ଆପ। ଛୋଟ ଛୋଟ କାମ ପାଇଁ ଆଉ ଯିବାକୁ ପଡିବନି ତହସିଲ ଅଫିସ । ଘରୁ ଥାଇ ଆରେ ଆବେଦନ କଲେ ସେହି ଆପରେ ଲୋକମାନେ ସାର୍ଟିଫିକେଟ ଡାଉନଲୋଡ଼ କରିପାରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

## ସଂପାଦକୀୟ

# ସୌଭାଗ୍ୟ ସୁଭଦ୍ରା

ଆମେ ଅନେକ ସମୟରେ ଦେଖିଛୁ ଯଦି କେହି ମହିଳା ବୟୋଜ୍ୟୋଷ୍ଠଙ୍କୁ ପ୍ରଣିପାତ କରନ୍ତି ତାହେଲେ ତାଙ୍କୁ ସୌଭାଗ୍ୟ ଭବ ବୋଲି ଆଶୀର୍ବାଦ କରନ୍ତି। ଏହାର ଅର୍ଥ ହେଉଛି ଉକ୍ତ ମହିଳାଙ୍କୁ ସଂସାରରେ ଥିବା ସମସ୍ତ ସୁଖ ସମ୍ପଦ ପ୍ରାପ୍ତ ହୋଇ ସୁଖରେ ଜୀବନ କଟୁ। ସେହିଭଳି ରାଜ୍ୟରେ ନୂତନ ଭାବରେ ବର୍ତ୍ତମାନ ମୋହନ ସରକାର ଦାୟିତ୍ୱ ଗ୍ରହଣ କରୁକରୁ, ଦେଇଥିବା ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସୁଭଦ୍ରା ଯୋଜନା ଲାଗୁ କଲେ ଯାହାକି ରାଜ୍ୟର ସମସ୍ତ ମହିଳା ଆତ୍ମନିର୍ଭରଶୀଳ ହୋଇ ପାରିବେ। କିଛି ଲୋକ କିନ୍ତୁ ଏହାକୁ ନେଇ ବ୍ୟଙ୍ଗାତ୍ମକ ଢଙ୍ଗରେ କଟୁକ୍ତି ମଧ୍ୟ କଲେ ଯେ, ଜଣେ ମହିଳାଙ୍କୁ ଯେଉଁ ଭଳି ଭାବରେ ସରକାର ସାହାଯ୍ୟର ହାତ ବଢାଇଛନ୍ତି ତାହା କଣ ସତରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିପାରିବ। ଏହାକୁ ନେଇ ଅନେକ ଚର୍ଚ୍ଚା ମଧ୍ୟ ଚାଲିଲା। କିନ୍ତୁ ବାସ୍ତବରେ ଏହି ସୁଭଦ୍ରା ଯୋଜନା ମହିଳାଙ୍କ ପାଇଁ କେତେ ସୌଭାଗ୍ୟ ତାହାର ଉଦାହରଣ ଗାଁ ଗଣ୍ଡାରେ ଏବେ ଦେଖିବାକୁ ମିଳୁଛି। ସତରେ କହିବାକୁ ଗଲେ ସରକାରଙ୍କ ଦ୍ୱାରା ପ୍ରାପ୍ତ ହେଉଥିବା ଏହି ଯୋଜନା ମାଧ୍ୟମରେ ମିଳୁଥିବା ଅର୍ଥ ମୂଲ୍ୟହୀନ, କିନ୍ତୁ ସରକାରଙ୍କ ମହିଳାଙ୍କ ପ୍ରତି ଥିବା ସମ୍ମାନ ଓ ପ୍ରୋତ୍ସାହନ ତଥା ଆଗକୁ ବଢିବାର ପ୍ରେରଣାର ମୂକ ସାକ୍ଷୀ ହେଉଛି ଏହି ସହାୟତା ରାଶି। ଏହି ସୁଭଦ୍ରା ଯୋଜନା ମୁଖ୍ୟତଃ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାର ପଥ ପ୍ରଦର୍ଶନ କରିଛି ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ହେଲେ ଏବେ ଆମେ ଏଭଳି କିଛି ଘଟଣା ଓ ଉଦାହରଣ ଦେଖିବାକୁ ପାଇଛୁ ଯେ ଏହାକୁ ନେଇ ଯେଉଁମାନେ ଏହି ଯୋଜନାକୁ ଅସଫଳ ଯୋଜନା କହି କଟାକ୍ଷ କରୁଥିଲେ ସେମାନଙ୍କ ମୁହଁ ବନ୍ଦ କରିବାକୁ ଯଥେଷ୍ଟ। ରାଜ୍ୟରେ ଅନେକ ଲୋକ ଅଭାବ ଅନାଟନରେ ବଞ୍ଚୁଥିବା ବେଳେ ତାଙ୍କର ଜୀବନ ଜୀବିକା ପାଇଁ ବାଟ ଦେଖାଇଛି। ଏହା ରାଜ୍ୟ ସରକାରଙ୍କ ମହିଳାଙ୍କୁ ସଶକ୍ତ କରିବା ନେଇ ଉତ୍ସର୍ଗୀକୃତ ସୁଭଦ୍ରା ଯୋଜନା। ଏଭଳି ଏକ ଉଦାହରଣ ହେଉଛି ରାୟଗଡ ଜିଲ୍ଲାର ନିୟମଗିରି ପର୍ବତ୍ୟାଦେଶରେ ରହୁଥିବା ଡ଼ଙ୍ଗରିଆ ଯୁବତୀ ଟିମି ପୁଶିକା। ଯେଉଁ ଟିମି ପୂର୍ବ ୨୪ ବର୍ଷର ଅହଙ୍କାରରେ ପୋତି ହୋଇ ଯାଇଥିବା ସରକାରଙ୍କ ପ୍ରଶାସନିକ ଅନୁଶାସନକୁ ଧିକ୍କାର କରି ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମୁଖରେ ପଚାରିଥିଲା ମୁଁ ଦେଇଥିବା ଲାଞ୍ଚ ଟଙ୍କା ପଠାଇଥିଲି ପାଇଲୁ କି ନାହିଁ ଆଜ୍ଞା, ସିଏ ଆଜି ଏହି ସୁଭଦ୍ରା ଯୋଜନାରେ ଯେଉଁ ସହାୟତା ପାଇଛି ସେଥିରେ ନିଜର ଏକ ପରିଚୟ ସୃଷ୍ଟି କରିବା ସହ ନିଜର ଆତ୍ମନିର୍ଭରଶୀଳତାର ରାହା ଖୋଜି ପାଇଥିବା କଥା ସମସ୍ତଙ୍କ ଆଗରେ ଖୋଲାଖୋଲି ଭାବରେ ବିନା ଦ୍ୱିଧାରେ ପ୍ରକାଶ କରୁଛି। ଦିନେ ମଧ୍ୟ ବିଦ୍ୟାଳୟର ପିଣ୍ଡା ମାଡି ନଥିବା ଏହି ଅପାଠୁଆ ଯୁବତୀ ଦୁଇଟି କିସ୍ତିର ସୁଭଦ୍ରା ସହାୟତା ପାଇଥିବା ବେଳେ ନିଜର ବ୍ୟବସାୟ ଆରମ୍ଭ କରିଦେଇଛି। ସେହି ନିୟମଗିରି ଅଞ୍ଚଳରେ ମିଳୁଥିବା ଅସଜଡା ଝାଡୁ କିଣି ଏହାକୁ ନିଜେ ସଜାଡି ବିକ୍ରି କରି ଲାଭବାନ ହୋଇପାରିଛି, ଏଥି ସହ କୁକୁଡା ଚିଆଁ ମଧ୍ୟ କିଣିଛି ତାକୁ ଅତି ଯତ୍ନର ସହ ବଡ କରିଛି, ଆଉ ବିକ୍ରି କରି ଦୁଇ ପଇସା ଭଲ ରୋଜଗାର କରିବି ବୋଲି ପ୍ରକାଶ କରିଛି। ଯାହାକି ଆମ ଭାଷାରେ କୁକୁଡା ଚାଷ କହୁ ତାହା ମଧ୍ୟ ତାକୁ ଆତ୍ମନିର୍ଭରଶୀଳ କରିବା ସହ ଦୁଇ ପଇସା ଭଲ ରୋଜାଗାର ହେବ ବୋଲି ଟିମି କହିଛି। ଏହି ଅପାଠୁଆ ଯୁବତୀ ଆମ ସମାଜ ପାଇଁ ଉଦାହରଣ ସାଜିଥିବା ବେଳେ ଟିମି ଭଳି ଅନେକ ମହିଳା ଓ ଯୁବତୀ ଏହି ସୁଭଦ୍ରା ଯୋଜନାରେ ସୌଭାଗ୍ୟ ପାଇଥିବେ ବୋଲି ଆମେ ନିଶ୍ଚିତ। ଏହାକୁ ନେଇ ଯେଉଁ ମାନେ ସମାଲୋଚନା କରୁଥିଲେ ତାଙ୍କ ମୁହଁରେ ତୁଣ୍ଡି ବାନ୍ଧିବା ପାଇଁ ଏହି ଗୋଟିଏ ଉଦାହରଣ ଯଥେଷ୍ଟ। ଆମେ ଏଥି ପାଇଁ ଏହି ପାଠକୁ ସୌଭାଗ୍ୟ ସୁଭଦ୍ରା କହୁଛୁ ଯେ ବୟୋଜ୍ୟୋଷ୍ଠଙ୍କ ଆଶୀର୍ବାଦ କେବଳ ସାନ୍ତ୍ୱନାମୂଳକ ହୋଇପାରେ କିନ୍ତୁ ତାହାର ମର୍ମ ଓ ଆନ୍ତରିକତା ମନରେ ଶାନ୍ତି ଓ ବିଶ୍ୱାସକୁ ଯେଉଁଭଳି ଜାଗ୍ରତ କରିଥାଏ ସେହିଭଳି ସରକାରଙ୍କ ଏହି ସୁଭଦ୍ରା ଯୋଜନା ରାଜ୍ୟର ସମସ୍ତ ମହିଳାଙ୍କ ପାଇଁ ମନରେ ଏକ ଉତ୍ସାହ ଓ ପ୍ରେରଣା ଦେବା ସହ ପ୍ରତିଫଳିତ କରିଥାଏ ଯେ ନାରୀ ମଧ୍ୟ ସମାଜର ଏକ ଶକ୍ତିଶାଳି ସଂକଳନର ଉତ୍ସ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଜନଗଣନା -୨୦୨୭



ସୌଭାଗ୍ୟ ରଂଜନ ମହାନ୍ତି

ବହୁ ବିଳମ୍ବରେ ଅର୍ଥାତ ଦୀର୍ଘ ୬ବର୍ଷର ବ୍ୟବଧାନ ପରେ ଦେଶରେ ଜନଗଣନା ଆସନ୍ତା ବର୍ଷ ଆରମ୍ଭ ହେବ। ଏହାର ନାମ ଜନଗଣନା-୨୦୨୭ ରଖାଯାଇଛି। ଦେଶରେ ଦୁଇଟି ପର୍ଯ୍ୟାୟରେ ଜନଗଣନା ହେବ। ପ୍ରଥମ ପର୍ଯ୍ୟାୟ ଜନଗଣନା ବରଫପାତ୍ ଅଂଚଳ ତଥା କେନ୍ଦ୍ରଶାସିତ ଅଂଚଳ ଲଦାଖ, ଜାମ୍ମୁକାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତରାଖଣ୍ଡରେ ୨୦୨୬ ଅକ୍ଟୋବର ମାସର ପ୍ରଥମ ଦିନର ୦୦.୦୦ଘଂଟାରେ ଶେଷ ହେବାକୁ ଥିବାବେଳେ ଦେଶର ଅବଶିଷ୍ଟ ରାଜ୍ୟଗୁଡିକରେ ୨୦୨୭ ମାର୍ଚ୍ଚ ପ୍ରଥମ ଦିନର ୦୦.୦୦ଘଂଟା ଧାର୍ଯ୍ୟ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଘୋଷଣା ଅନୁଯାୟୀ ୨୦୨୬ ମସିହା ମାର୍ଚ୍ଚ- ଏପ୍ରିଲ ସୁଦ୍ଧା ଦେଶରେ ବାସଗୃହଗୁଡିକର ତାଲିକା ଚୂଡ଼ାନ୍ତ ହେବ ଏବଂ ୨୦୨୭ ଫେବୃୟାରୀରେ ୨୧ଦିନ ଧରି ଜନଗଣନା ପ୍ରକ୍ରୀୟା ଚାଲିବ ବୋଲି ଜଣାଯାଇଛି। ତେବେ ଆସନ୍ତା ଜନଗଣନାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜାତିଗତ ଜନଗଣନା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ୧୯୩୧ ମସିହା ପରେ ପ୍ରଥମ ଥର ପାଇଁ ଜାତିଗତ ଜନଗଣନା ହେବାକୁ ଯାଉଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମେତ ଦେଶରେ ଥିବା ଅନ୍ୟଜାତିର ଜନସଂଖ୍ୟା ସମ୍ପର୍କରେ ଗଣନା ହେବ। ୧୯୩୧ ମସିହାରେ ଦେଶରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଗତ ଜନଗଣନା ହୋଇଥିଲା। ଦେଶରେ ଦୀର୍ଘ ୯ଦଶନ୍ଧି ପରେ ପ୍ରଥମ ଥର ପାଇଁ ଜନଗଣନା ସହ ଜାତିଆଣ ଗଣନା ହେଉଛି ଏକ ରାଜନୈତିକ ମହତ୍ୱପୂର୍ଣ୍ଣ ଓ ସାମାଜିକ ମାଇଲଖଂଟ। ଜାତିଗତ ତଥ୍ୟ ସହ ଜନଗଣନା ସାମାଜିକ ନ୍ୟାୟାର ପ୍ରତିଶ୍ରୁତି କାର୍ଯ୍ୟକାରୀତା ଏବଂ ଦେଶର ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖେ। କହିବା ବାହୁଲ୍ୟ ଯେ, ସାମାଜିକ ନ୍ୟାୟାର ପ୍ରବକ୍ତାମାନେ ଦୀର୍ଘ ବର୍ଷ ବର୍ଷ ଧରି ଦେଶରେ ଜାତିଗତ ଜନଗଣନା ପାଇଁ ଦାବି କରି ଆସୁଥିଲେ। କେନ୍ଦ୍ର ସରକାର ଜାତିଗତ ଜନଗଣନା ପାଇଁ ପ୍ରଥମରୁ ଅନାଗ୍ରହୀ ଥିବାବେଳେ ଶେଷରେ ଜାତିଗଣନା ପାଇଁ ନିଷ୍ପତି ନେଇଥିଲେ। ପୂର୍ବରୁ ବିହାର ସରକାର ଜାତିଗଣନା କରି ରିପୋର୍ଟ ସାର୍ବଜନନୀ କରିଥିବା ସତ୍ୱେ ତାହା ଫଳପ୍ରଦ ହୋଇପାରିନଥିଲା ବେଳେ କର୍ଣ୍ଣାଟକ ସରକାରଙ୍କ ଜାତିଗଣନା ରିପୋର୍ଟ ସମ୍ପୂର୍ଣ୍ଣ ନିର୍ବିବାଦୀୟ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୧୬(୪) ଧାରା ଅନୁଯାୟୀ ସରକାରୀ ଚାକିରି କ୍ଷେତ୍ରରେ ଆବଶ୍ୟକ ପ୍ରତିନିଧିତ୍ୱ ନଥିବା ଜାତିଗୁଡିକ ପାଇଁ ସଂରକ୍ଷଣ ବାଧ୍ୟତାମୂଳକ ରହିଛି। ଏବେ କେବଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ବ୍ୟତୀତ ଅନ୍ୟକୌଣସି ଅନଗ୍ରସର ବର୍ଗ ପାଇଁ ସେଭଳି କୌଣସି ସଂରକ୍ଷଣ ପ୍ରାୟତଃ ନାହିଁ। ପଛୁଆ ବର୍ଗ (ଓବିସି) ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୬ପ୍ରତିଶତ ସଂରକ୍ଷଣ ପାଇଁ ସମ୍ବିଧାନରେ ଥିବା ସତ୍ୱେ ସୁପ୍ରିମକୋର୍ଟଙ୍କ ସଂରକ୍ଷଣ ସୀମା ଯୋଗୁଁ ତାହା ଫଳପ୍ରଦ ହୋଇପାରିନାହିଁ। ଜାତିଗତ ଜନଗଣନା ରିପୋର୍ଟ ପରେ ସମସ୍ତ ଅନଗ୍ରସର ବର୍ଗ ପାଇଁ ସଂରକ୍ଷଣ ପଥ ସୁଗମ ହେବା ନେଇ ଆଶା କରାଯାଏ। ସେହିପରି ୨୦୨୭ ଜନଗଣନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକର ସୀମା ନିର୍ଦ୍ଧାରଣ। ଯାହାକି ମହିଳା ପାଇଁ ୩୩ପ୍ରତିଶତ ସଂରକ୍ଷଣ ଆଇନରେ ପରିଣତ ହୋଇଥିବାରୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା ବୃଦ୍ଧି ପାଇବ। ଲୋକସଭା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ତଥା ସଂଖ୍ୟା ନେଇ ଏବେ ଦକ୍ଷିଣ ଓ ଉତର ଭାରତ ବିବାଦ ଦେଖାଦେଇଛି। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଆସନ ସଂଖ୍ୟା ହ୍ରାସ ପାଇବା ଆଶଙ୍କା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୧ ଜନଗଣନା ରିପୋର୍ଟ ଆଧାରରେ ଦେଶରେ ଲୋକସଭା ଆସନ ସଂଖ୍ୟା ନିର୍ଦ୍ଧାରଣ ହୋଇଥିବାରୁ ଏଭଳି ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ଅନ୍ୟପଟେ ଉତର ଭାରତୀୟ ରାଜ୍ୟଗୁଡିକରେ ଜନସଂଖ୍ୟା ବୃଦ୍ଧି ପାଇଥିବାରୁ ସେହି ଅନୁପାତରେ ଆସନ ସଂଖ୍ୟା ବଢିବ, ଏଥିରେ ସନ୍ଦେହ ନାହିଁ। ଏଥିପ୍ରତି ସରକାର ଧ୍ୟାନ ଦେବା ଜରୁରୀ। ଆହୁରି ମଧ୍ୟ ଜନଗଣନା ରିପୋର୍ଟ ହେଉଛି ଗୋଟିଏ ଦେଶର ଦର୍ପଣ। ଯେଉଁଥିରୁ ଦେଶର ଧନୀ-ଗରିବ, ସହର-ଗ୍ରାମାଚଂଳର ତାରତମ୍ୟ, ଲୋକଙ୍କ ଆୟ, ନିଯୁକ୍ତି, ଶିକ୍ଷା, ଆର୍ଥୀକ ସ୍ଥିତି ଜଣାପଡେ। ନୀତି ନିର୍ଦ୍ଧାରକମାନେ ଏହାକୁ ନେଇ ଯୋଜନା ପ୍ରସ୍ତୁତ କରିଥାନ୍ତି। ଜନଗଣନା ଯେ, ଏକ ଅମୂଲ୍ୟ ଦସ୍ତା ଏହା ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଆମଦେଶରେ ଶେଷଥର ପାଇଁ ୨୦୧୧ରେ ଜନଗଣନା କରାଯାଇଥିଲା। ପ୍ରତି ୧୦ବର୍ଷରେ ହେଉଥିବା ଜନଗଣନା ୨୦୨୧ରେ ହେବାର ଥିଲା। ମାତ୍ର ମହାମାରୀ କାଳରେ କେବଳ ଭାରତ ନୁହେଁ, ବିଶ୍ୱର ୧୮୭ଟି ରାଷ୍ଟ୍ର ଜନଗଣନାକୁ ସ୍ଥଗିତ ରଖିଥିଲେ। ମହାମାରୀ ପରେ ୧୪୩ ରାଷ୍ଟ୍ର ଜନଗଣନା କରିଥିବାବେଳେ ଭାରତ ସହ ୪୪ଟି ରାଷ୍ଟ୍ର କରି ନାହାଁନ୍ତି। ଦେଶରେ ଏଥର ଜାତିଗଣନା ସହ ଜନଗଣନା ହେଉଛି। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଜନଗଣନା ରିପୋର୍ଟ ପ୍ରକାଶ ପାଏ, ତେବେ ନିର୍ବାଚନରେ ଏହା ଗେମ ଚେଂଞ୍ଜର ହୋଇପାରେ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,- ୭୫୧୦୦୨ ମୋବାଇଲ ନଂ- ୭୯୭୮୬୬୬୪୦୩*

# ଆଇରନ ଲେଡି ନନ୍ଦିନୀ



ହିମାଂଶୁ ଶେଖର ଆଚାର୍ଯ୍ୟ

୧୯୩୧ ମସିହା ଜୁନ ୯ ତାରିଖ । ସନ୍ଧ୍ୟା ଆଳତିର ଧ୍ୱନି ଭାସି ଆସୁଥାଏ ଦେବାଳୟରୁ । ଆଉ ଠିକ୍ ଏହି ସମୟରେ ସମସ୍ତଙ୍କୁ ଆହ୍ଲାଦିତ କରି ପୂର୍ବାକାଶରେ ଉଜ୍ଜଳ ଆଭା ନେଇ ଉଇଁ ଆସିଲେ ଚନ୍ଦ୍ରମା। ଓଡିଶାର ସୁନାମଧନ୍ୟ ଲେଖକ ଡକ୍ଟର କାଳିନ୍ଦୀ ଚରଣ ପ୍ରାଣିଗ୍ରାହୀଙ୍କ ଧର୍ମପତ୍ନୀ ରତ୍ନମଣି ଦେବୀଙ୍କ କୋଳ ମଣ୍ଡନ କରି ସେଦିନ ଯେଉଁ କନ୍ୟାରତ୍ନଟି ଜନ୍ମ ନେଇଥିଲା ସେ ଆଉ କେହି ନୁହନ୍ତି ଓଡିଶାର ଗର୍ବ ଆଉ ଗୌରବର ପ୍ରତୀକ ନନ୍ଦିନୀ ପାଣିଗ୍ରାହୀ। ଶିଶୁଟି ବିଛାରାଶିରେ ଜନ୍ମ ନେଇଥିବାରୁ ଜାତକରେ ନାମ ଦିଆଯାଇଥିଲା ନର୍ମଦା କିନ୍ତୁ ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀ ଶ୍ରଦ୍ଧାରେ ନାମ ଦେଇଥିଲେ ନନ୍ଦିନୀ।ପରବର୍ତ୍ତୀ ପର୍ଯ୍ୟାୟରେ ସେ ରାଜ୍ୟ ତଥା ଦେଶରେ ନନ୍ଦିନୀ ଶତପଥୀ ଭାବେ ସୁପରିଚିତା ହୋଇଥିଲେ। ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା। ଏକାଧାରରେ ସେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଦୀନଦୁଃଖୀ ଦରିଦ୍ରଙ୍କ ଦରଦୀ ନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିଧାଣୀ । ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ଏପରି ପ୍ରଭାବିତ କରିଥିଲା ଯେ କେହି ତାଙ୍କୁ ମାଟିର ମହାନାୟିକା ବୋଲି ସମ୍ବୋଧନ କରୁଥିବା ବେଳେ କିଏ ଡାକୁଥିଲେ ଆଇରନ ଲେଡି ନନ୍ଦିନୀ ପୁଣି ମାଟିର ନନ୍ଦିନୀ ।

ବାଲ୍ୟକାଳରୁ ଉଭୟ ପିତା କାଳିନ୍ଦୀ ଚରଣ ପ୍ରାଣିଗ୍ରାହୀ ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଆଦର୍ଶର ପ୍ରଭାବ ପଡିଥିଲା ନନ୍ଦିନୀଙ୍କ ଉପରେ। କକାଙ୍କ ସାମ୍ୟବାଦୀ ଚିନ୍ତାଧାରାର ସଂସ୍ପର୍ଶରେ ସେ ଛୋଟବେଳୁ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଥିଲେ ପ୍ରତିଜ୍ଞାବଦ୍ଧ। ପାଠ ପଢୁଥିଲେ, ଏଣେ ଦେଶକଥା ଭାବୁଥିଲେ। ଲଢିବା ପ୍ରବୃତିଥିଲା ତାଙ୍କ ରକ୍ତରେ । ବ୍ରିଟିଶ ଶାସନ ବିରୋଧରେ ହେଉ କି ଅନ୍ୟାୟ ବିରୋଧରେ, ବନ୍ୟା. ବାତ୍ୟା, ମରୁଡି ହେଉକି ଛାତ୍ରମାନଙ୍କ ହକ୍ ପାଇଁ- ସବୁଠି ଶୁଭୁଥିଲା ତାଙ୍କ ସ୍ୱର। ଯେଉଁଥିପାଇଁ ତାଙ୍କ ସମସାମୟିକ ଛାତ୍ରୀଛାତ୍ରମାନେ କହୁଥିଲେ - 'ଦୁର୍ଗା ଆସିଗଲେ'। ୧୯୪୨ ମସିହାର କଥା। ଭାରତ ଛାଡ ଆନ୍ଦୋଳନ ଜୋର ଧରିଥାଏ। ନନ୍ଦିନୀ ଦେବୀ ସେତେବେଳେ କଟକ ପ୍ରାକ୍ଟିସିଂ ମିଡିଲ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥାନ୍ତି। ଏହି ଆନ୍ଦୋଳନକୁ ସମର୍ଥନ କରି କଟକରେ ଏକ ଶୋଭାଯାତ୍ରା ବାହାରିଥିଲା। ଯେମିତି ଇନ୍‌କିଲାବ୍-ଜିନ୍ଦାବାଦ୍ ସ୍ଲୋଗାନ କାନରେ ପଡିଛି ନନ୍ଦିନୀ ଶ୍ରେଣୀ ଗୃହରୁ ବାହାରି ପାଚେରୀ ଡେଇଁ ଶୋଭାଯାତ୍ରାରେ ସାମିଲ ହୋଇଗଲେ। ସ୍କୁଲର ପ୍ରଧାନ ଶିକ୍ଷକ ରହମତ୍ ଅଲ୍ଲୀ ଏ କଥା ଜାଣିଲା ପରେ ତାଙ୍କ ପାଟିରୁ ଆପେ ବାହାରି ପଡିଲା - "ଦିନେ ଏ ପିଲା ବାପ-ମା'ଙ୍କ ନାଁ ରଖିବ । ନନ୍ଦିନୀ ଦେବୀ ଜଣେ ଅପ୍ରତିଦ୍ୱନ୍ଦୀ ତଥା ସାଲିସ ବିହୀନ ନେତ୍ରୀ ଭାବେ ଯେତିକି ପରିଚିତା, ଜଣେ ସମାଜସେବୀ ଓ ସଂସ୍କାରିକା ଭାବେ ସେତିକି ବିଦିତା। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ । ୧୯୬୨ ମସିହାରେ ପ୍ରଥମେ ରାଜ୍ୟସଭାରେ ପାଦଦେଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ୧୯୬୬ ରୁ ୧୯୬୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଭାବେ ସୂଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ନିର୍ବାଚନରେ ପରାଜୟ କେବେ ବରଣ କରିନାହାଁନ୍ତି । ୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫, ୧୯୯୦ ଓ ୧୯୯୫ରେ ଓଡିଶା ବିଧାନସଭାକୁ ସାତ ଥର ନିର୍ବାଚିତ ହୋଇଥିଲେ। ଜିଣିବାଟା ଯେମିତି ଥିଲା ତାଙ୍କର ଜନ୍ମଗତ ଅଧିକାର । ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା । ୧୯୭୨ ମସିହାରେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ।



ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ଓଡିଶା ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏଥିସହିତ ୧୯୮୯ ଓ ୧୯୯୫ ମସିହାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା ଭାବେ କାର୍ଯ୍ୟକରି ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ। ଜନ୍ମରେ ନାରୀ ହେଲେବି ତାଙ୍କଠି ଅତୁଳନୀୟ ପୁରୁଷାକାର ଥିଲା । ନିଜର ପ୍ରତିଭା ଓ ପାରାକାଷ୍ଠା ଯୋଗୁଁ ସେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇପାରିଥିଲେ।

ମୁଖ୍ୟମନ୍ତ୍ରୀ ଭାବେ ନନ୍ଦିନୀ ଶତପଥୀଙ୍କ କାର୍ଯ୍ୟକାଳକୁ ଏବେବି ଲୋକମାନେ ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛନ୍ତି। ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଶାସନର ମୂଳ ଲକ୍ଷ୍ୟ ଥିଲା। ସେ ବୁଝିଥିଲେ ଶିଳ୍ପ, କୃଷି, ଜଳସେଚନ ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡିଶାର ଆଖି ଦୃଶିଆ ପ୍ରଗତି ହୋଇପାରିବ ନାହିଁ। ରାଜ୍ୟର ସମୃଦ୍ଧି ନିମନ୍ତେ ଶିଳ୍ପ ପ୍ରତିଷ୍ଠା ଦିଗରେ ସେ ଲାଗି ପଡିଥିଲେ। ତାଳଚେରର ସାର କାରଖାନା, ସୁକିନ୍ଦା ଠାରେ ନିକେଲ କାରଖାନା ଓ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ତାଙ୍କ ସମୟରେ ଆରମ୍ଭ ହେବା ସହ ରାଉରକେଲା ଇସ୍ପାତ କାରଖାନାର ସଂପ୍ରସାରଣ ତାଙ୍କ ସମୟରେ ହୋଇଥିଲା। କୃଷି ପାଇଁ ଜଳସେଚନର ଆବଶ୍ୟକତା ଥିବାରୁ ସେ ଅପର କୋଲାବ ଜଳ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ପରି କ୍ଷୁଦ୍ର ତଥା ମଧ୍ୟମ ଧରଣ ଜଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ସେହିପରି ଦୀନହୀନ, ଖଟିଖିଆ ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ଦୁଃସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍ । ଏଥିସହିତ କର୍ମଚାରୀ ମାନଙ୍କଠାରୁ କାମ ଆଦାୟ କରିବାପାଇଁ ସେ ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍‌ରେ ଚାକିର ପ୍ରଦାନ ଆଦି କଲ୍ୟାଣକାରୀ ପଦେକ୍ଷପମାନ ନେଇଥିଲେ। ଶିକ୍ଷକ ମାନଙ୍କ ସମସ୍ୟା ପ୍ରତି ନନ୍ଦିନୀ ଦେବୀ ବିଶେଶ ଗୁରୁତ୍ୱ ଦେଇଥିଲେ। ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ପରିଚାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍ । ଏଥିପାଇଁ ଶିକ୍ଷକ ସମାଜ ତାଙ୍କ ପାଖରେ ସବୁଦିନ ଋଣୀ ହୋଇରହିବେ। ରାଜନୀତି ଭିତରେ ଥାଇ ବି ସାହିତ୍ୟ ସାଧନାରୁ ବିରତ ହୋଇନଥିଲେ ନନ୍ଦିନୀ ଶତପଥୀ। ଓଡିଆ ସାହିତ୍ୟର ବିସ୍ତୀର୍ଣ୍ଣ ଇଲାକାରେ ସେ ସ୍ୱକୀୟ ଛାପ ଛାଡିଯାଇଛନ୍ତି। ତାଙ୍କ ଲେଖିବାର ଢ଼ଙ୍ଗ ମଧ୍ୟ ନିଆରା ଥିଲା। ବିଶେଷକରି ଅନୁବାଦ କ୍ଷେତ୍ରରେ ତାଙ୍କର ବିଚକ୍ଷଣତା ବେଶ୍ ବାରି ହୋଇପଡୁଥିଲା । ତାଙ୍କ ସୃଜନଶୀଳତାର ଚଉହଦୀ "ଅନାଥ'' ଠାରୁ ଆରମ୍ଭ କରି "ଉତ୍ତର ପୁରୁଷ'' ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଏଥିସହିତ ତସ୍‌ଲିମା ନସରିନ୍‌ଙ୍କ ବଙ୍ଗଳା ପୁସ୍ତକ "ଲଜ୍ଜା'' ଓ ଅମୃତା ପ୍ରିତମ୍‌ଙ୍କ "ରେଭେନ୍ୟୁ ଟିକେଟ୍"କୁ ଓଡିଆରେ ଅନୁବାଦ କରି ସେ ଅନେକ ପ୍ରଶଂସାର ଅଧିକାରିଣୀ ହୋଇପାରିଥିଲେ। ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥୀଙ୍କୁ ମିଳିଥିଲା 'ଓଡିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ ସମ୍ମାନ'। ଏତଦ୍ ବ୍ୟତୀତ ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ'' ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

ମୃତ୍ୟୁ ପରେ ଯେଉଁ ମଣିଷ ଜାତିର ସ୍ମୃତିରେ ବଞ୍ଚି ରହନ୍ତି ଏବଂ ସଶରୀର ନଥାଇ ସୁଦ୍ଧା ଜନଗହଣରେ ରହିଲା ପରି ପ୍ରତୀୟମାନ ହୁଅନ୍ତି ସେଇ ମଣିଷଙ୍କୁ ମହାନାୟକ ବୋଲି କୁହାଯାଏ। ଏହି ମାପକାଠିରେ ବିଚାର କଲେ ଏସିଆର ସୂର୍ଯ୍ୟ ଭାବେ ଅଭିହିତ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଯେ ଜଣେ ମହାନାୟିକା ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ। ତାଙ୍କର ପରଲୋକ ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ ତାଙ୍କର ଦେହାବସାନ ହେଲା। ହେଲେ ଓଡିଶାର ସବୁ କ୍ଷେତ୍ରରେ ତାଙ୍କର କୀର୍ତ୍ତୀ ଓ କୃତିତ୍ୱର ପାଦ ଚିହ୍ନ -ଏବେବି ଅକ୍ଷତ।

*ସଭାପତି ସାରସ୍ୱତ ପରିଷଦ, ଜଗତସିଂହପୁର ମୋ- ୯୩୩୭୨୨୧୯୨୪*

# ଶୋଭନୀୟ ଚେତନାରେ ପୂଜ୍ୟ ଶ୍ରୀ କୁମାର ଭାଇ



ଡ଼ଃ.ଅରୁନ୍ଧତୀ ଦେବୀ

ପୃଥିବୀରେ ଅନେକ ଆନ୍ଦୋଳନର ଭିତ୍ତି ପଡ଼ିଛି ମାନବ ଜୀବନକୁ ଶୁଦ୍ଧପୂତ କରିବା ପାଇଁ ଓ ଆଦର୍ଶ ଓ ଶାନ୍ତିମୟ କରି ଗଢ଼ିତୋଳିବା ପାଇଁ । ବହୁ ମହାତ୍ମା, ମନିଷୀ, ସନ୍ଥ, ସାଧକ, ମହାପୁରୁଷ ଓ ପ୍ରବର୍ତ୍ତକଙ୍କର ତମାମ ଜୀବନ ଉତ୍ସର୍ଗୀକୃତ ହୋଇଛି ତଥାକଥିତ ପଙ୍କିଳ ଓ ବିଶୃଙ୍ଖଳିତ ମାନବ ସମାଜକୁ ବିଭିନ୍ନ ମାର୍ଗଦ୍ୱାରା ଶୃଙ୍ଖଳିତ କରିବାର ପ୍ରଚେଷ୍ଟାରେ । ଆଦିମ କାଳରୁ ମାନବ ଖୋଜିଆସିଛି ବାସ୍ତବ ଶାନ୍ତି, ଆନନ୍ଦ, ଶୁଦ୍ଧ ସ୍ନେହ, ମମତା ଓ ପବିତ୍ର ଭଲପାଇବା । କିନ୍ତୁ ଦୁଃଖ ଓ କ୍ଷୋଭର କଥା କେତେକ ତ୍ରୁଟି ଓ ଅବ୍ୟବସ୍ଥା ଯୋଗୁଁ ଆଜିର ସୂଚନାପ୍ରଯୁକ୍ତିର ମଣିଷ ଶାନ୍ତି ନାମରେ ଭ୍ରାନ୍ତି, ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଂଖଳତା, ସ୍ନେହନାମରେ ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନା ଓ ସୁଖ ନାମରେ କ୍ଷଣିକ ଉନ୍ମାଦନା ଲାଭ କରିଛି । ସବୁ କ୍ଷେତ୍ରରେ ଦେଖନ୍ତୁ ଆଜି ଧର୍ମଠାରୁ ଆରମ୍ଭ କରି ରଜାନୀତି, ଶିକ୍ଷା, ବ୍ୟବସାୟ, ସମାଜସେବା, ପାରିବାରିକ ଜୀବନ ସବୁକ୍ଷେତ୍ରରେ ଅଶୋଭନୀୟତା ଭରିଗଲାଣି । ସମାଜର ଏହି ନାନା ସମସ୍ୟାକୁ ଗଭୀରଭାବେ ଅନ୍ତର୍ଦୃଷ୍ଟି ସହ ପର୍ଯ୍ୟବେକ୍ଷଣ କଲେ ଜଣାଯାଏ ଯେ ମାନବିକ ଚେତନା ଓ ନୈତିକ ଶକ୍ତିର ଅଭାବ ହିଁ ଏ ସମସ୍ତ ସମସ୍ୟାର ମୂଳ କାରଣ । ତେଣୁ ମାନବିକ ଚେତନା ଓ ନୈତିକ ଶକ୍ତିର ବିକାଶ ବିନା ପୃଥିବୀର କୌଣସି ସମସ୍ୟାର ସମାଧାନ ସମ୍ଭବ ନୁହେଁ ।

ତଥାକଥିତ ସମାଜର ଚତୁର୍ଦ୍ଦିଗର ଅଶୋଭନୀୟତାର ରାକ୍ଷସ ଅନୀତି ଦୁର୍ନୀତି ବିଶ୍ୱାସଘାତକତା, ହିଂସା ପ୍ରତିହିଂସା ଓ କ୍ଷମତା ଲିପ୍‌ସୁର ମୁଣ୍ଡ ଟେକିଥିଲାବେଳେ ଏହାକୁ ପ୍ରତିହତ କରି ଏକ ଦିବ୍ୟ ସମାଜର ସ୍ୱପ୍ନ ଦେଖିଥିଲେ ଯେଉଁ ଯୁଗ ପୁରୁଷ ସେ ଥିଲେ ପୂଜ୍ୟ ଶ୍ରୀ କୁମାର ଭାଇ । ୧୯୪୭ ମସିହା ଏପ୍ରିଲ ୮ ତାରିଖ ଦିନ ମାତା ପୂର୍ଣ୍ଣପ୍ରଭା ଦେବୀ ଓ ପିତା ଶ୍ୟାମସୁନ୍ଦର ଦାସଙ୍କ ସେ କୋଳମଣ୍ଡନ କରିଥିଲେ । ମାତ୍ର ୯ମାସ ବୟସରେ ସର୍ପାଘାତରେ ମାତୃବିୟୋଗ ପରେ ପୂଜ୍ୟ ଶ୍ରୀ ଭାଇଙ୍କର ଦାୟିତ୍ୱ ନେଇଥିଲେ ଓଡ଼ିଶାରେ ନାରୀଶିକ୍ଷାର ପ୍ରବର୍ତ୍ତିକା ଶ୍ରୀମତୀ ରେବା ଦେବୀ । କଟକ ଓ ଭୁବନେଶ୍ୱର ସେଣ୍ଟଜୋସେଫ୍ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ୧୩ ବର୍ଷ ବୟସରେ ନିମନ୍ତ୍ରଣ ପାଇ କଳାର ଆକର୍ଷଣରେ ସେ ବମ୍ବେ ଯାଇଥିଲେ । ସେଠାରେ ଏକ ଅର୍ଦ୍ଧନଗ୍ନ ନୃତ୍ୟ ପରିବେଷଣକୁ ମିଠାବିଷ ମନ୍ତବ୍ୟ ଦେଇଥିବାରୁ ମଞ୍ଚ ଉପରୁ ଟେକାମାଡ଼ ଖାଇ ସେ ରକ୍ତାକ୍ତ ହୋଇଥିଲେ ମଧ୍ୟ ସେହି ନୃତ୍ୟାଙ୍ଗନା ଭଉଣୀ ବିମଳା କିନ୍ତୁ ଶପଥ ନେଇଥିଲେ ନିଜ ଜୀବନକୁ ପରିବର୍ତ୍ତନ କରିବା ପାଇଁ । ପରବର୍ତ୍ତୀ ସମୟରେ ଏହି କିଶୋର ଜଣକ ନିଜ ରାଜ୍ୟ, ସମାଜ ଓ ରାଷ୍ଟ୍ରରେ ପରିବର୍ତ୍ତନର ଜାଗରଣ ନେଇ ଫେରିଥିଲେ ନିଜ ଓଡ଼ିଶା ମାଟିକୁ । ସମାଜର ସୁପରିବର୍ତ୍ତନ ପାଇଁ ଜନସାଧାରଣଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସରେ ଯୁଗପଥ ପରିବର୍ତ୍ତନ ପାଇଁ ସେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ସେ ବିଶ୍ୱାସ କରିଥିଲେ ମନ ବଦଳିଲେ ଯୁଗ ବଦଳିବ । ଏହି ପରିବର୍ତ୍ତନ ସମ୍ଭବ ହୋଇପାରିବ ଶିକ୍ଷା, ସାହିତ୍ୟ, ନାଟକ, ସଂଗୀତ, କଳା, ପତ୍ରପତ୍ରିକା, ସମ୍ବାଦପତ୍ର ଓ ରେଡ଼ିଓ, ଟେଲିଭିଜନ, ବିଭିନ୍ନ ଗଠନ ମୂଳକ ପ୍ରଚାର ଶୈଳୀ, ଧର୍ମସଭା ଓ ମାନବିକ ଚେଦନାଦାୟକ ଜାଗରଣକାରୀ ସଂସ୍ଥା ସାହାଯ୍ୟରେ । ସମାଜର ସୁରକ୍ଷା, ଶାନ୍ତି ଓ ମଙ୍ଗଳ ପ୍ରତିଷ୍ଠା ପାଇଁ ୧୯୬୨ ମସିହା ଅପ୍ରେଲ ୮ ତାରିଖରେ ଶ୍ରୀରାମଚନ୍ଦ୍ର ଭବନ ଠାରେ ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ପ୍ରାଣକୃଷ୍ଣ ପରିଜାଙ୍କ ପୌରୋହିତ୍ୟରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଉଦ୍‌ଘାଟିତ ହୋଇଥିଲା । ଏହାର ଆୟୋଜକ ଥିଲେ ଦେଶସେବୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ । ସମଗ୍ର ମାନବ ସମାଜକୁ ଅଶୋଭନୀୟତା ଓ ହିଂସା ପ୍ରତିହିଂସା ଧ୍ୱଂସ ଆଡ଼କୁ ନେଇଯାଉଥିବା ସମୟରେ ଓଡ଼ଇଶାର ଏହି ତରୁଣ ପୂଜ୍ୟ ଶ୍ରୀ କୁମାର ଭାଇ ଅଶୋଭନୀୟତାର ବିରୋଧ ଓ ଶୋଭନୀୟତାର ବିକାଶ ପାଇଁ ଚେତନାର ଶଂଖ ଶୁଣାଇଥିଲେ । ପରବର୍ତ୍ତୀ ସମୟରେ ଦେଶ ବିଦେଶରୁ ଏହି ଆନ୍ଦୋଳନ ପ୍ରତି ବହୁ ସମର୍ଥନ ଓ ସଦିଚ୍ଛାର ସୁଅ ଛୁଟିଥିଲା । ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା ଡଃ. କେ. ଏମ୍. ମୁନ୍‌ସି, ଭୂଦାନ ଯଜ୍ଞର ପୁରୋଧା ବିନୋବା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ, ଲଣ୍ଡନର ଜିଓ ପେଡ଼ାକ୍ସ, ଆଚାର୍ଯ୍ୟ ହରିହର, ଡଃ. ହରେକୃଷ୍ଣ ମହତାବ, ପଦ୍ମଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ, ମା' ରମାଦେବୀ ପ୍ରମୁଖ ସମର୍ଥନ ଜଣାଇଥିଲେ । ଶିକ୍ଷାକ୍ଷେତ୍ରରେ ମଙ୍ଗଳମୟ ସଂସ୍କାର ପାଇଁ ଗଢ଼ି ଉଠିଥିଲା ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ଓ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର । ତାଙ୍କର ମୁଖ୍ୟ ବାଣୀ ଥିଲା - କେହି ଭଲ ହେଉ ବା ନ ହେଉ ନିଜକୁ ମୁଁ ଭଲ କରିବି ହିଁ । ଚଳିତମାସ ଅପ୍ରେଲ ଆଠରୁ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି । ସମସ୍ତଙ୍କ ଭିତରେ ଭଲ ପାଇବାର ମହାମନ୍ତ୍ରକୁ ପ୍ରଚାର ଓ ପ୍ରସାର ପାଇଁ ଶୋଭନୀୟ ଚେତନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାର ଦାୟିତ୍ୱ କେବଳ ଶୋଭନୀୟ କର୍ମୀଙ୍କର ନୁହେଁ ବରଂ ଆମ ସମସ୍ତଙ୍କର । ସଂପ୍ରତି ମାନବୀୟ ମୂଲ୍ୟବୋଧ ସନ୍ଧିକ୍ଷଣରେ ପହଞ୍ଚିବା ବେଳେ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ଚିନ୍ତା ଓ ଚେତନା ସମସ୍ତଙ୍କ ପାଇଁ ପ୍ରାର୍ଥନା ହେଉ । ବର୍ତ୍ତମାନର ସମାଜରେ ପ୍ରଗତି ଓ ନୈତିକତାର ଉନ୍ମୀଳନ ପାଇଁ ସଚେତନ ନାଗରିକ ହିସାବରେ ଏ ଗୁରୁ ଦାୟିତ୍ୱ ଆମ୍ଭ ସମସ୍ତଙ୍କର ଏକ ଶୋଭନୀୟ ସମାଜ ପ୍ରତିଷ୍ଠା ପାଇଁ ମାନବିକତା ବିବର୍ଜିତ ଜୀବନ ନୁହେଁ, ସ୍ନେହ ଶାନ୍ତିଭରା ପରିବାର ଓ ଶୋଭନୀୟ ଯୁଗଟିଏ ହିଁ ଚାହୁଁ । ଏହାହିଁ ହେବ ପୂଜ୍ୟ ଶ୍ରୀ କୁମାର ଭାଇଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

*ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧*

# ସେବାର ସାର୍ଥକତା

ଡକ୍ଟର ସୁରେଶ କୁମାର ନାୟକ

ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ଓ ଅଭିବୃଦ୍ଧି ପାଇଁ ଭଗବାନ କର୍ମର ଯୋଜନା କରିଛନ୍ତି। ଭଗବତ ପ୍ରେମ ଓ ଜନସେବା ହିଁ ମହତ ଜୀବନର ନିଗୂଢ଼ ତତ୍ତ୍ୱ। ପ୍ରକୃତ ଜୀବନର ଅର୍ଥ ହେଉଛି ସେବା ଓ ତ୍ୟାଗ। ଆଧ୍ୟାତ୍ମିକ ମାର୍ଗର ପ୍ରଥମ ସୋପାନଟି ହେଉଛି ନିଃସ୍ୱାର୍ଥପର ଜନସେବା। ନିଃସ୍ୱାର୍ଥପର ଜନସେବା ହିଁ ମୁକ୍ତି ମାର୍ଗର ଏକମାତ୍ର ମନ୍ତ୍ର। ନିଃସ୍ୱାର୍ଥପର ଜନସେବା କଲେ, ସାଧକ ହୃଦୟରେ ବିଶ୍ୱଜନୀନ ମନୋଭାବ, ଏକାତ୍ମଭାବ ଜାଗ୍ର ହୁଏ। ନ୍ତସକଳ ବିଶ୍ୱ ବ୍ରହ୍ମମୟ ଓ ସମସ୍ତେ ସେହି ଏକ ପରମାତ୍ମାଙ୍କର ବ୍ୟକ୍ତରୂପ' - ସାଧକ ଏହି ମହାଭାବରେ ଉଦବୁଦ୍ଧ ହୁଏ। ଆପଣ ହିଁ ଜଗତ। ଜଗତ ଆପଣଙ୍କ ଠାରୁ ଭିନ୍ନ ନୁହେଁ। ତେଣୁ ସମସ୍ତଙ୍କୁ ପ୍ରେମ କରନ୍ତୁ, ସବୁରି ସେବା କରନ୍ତୁ, ସକଳଙ୍କ ପ୍ରତି ସଦୟ ହୁଅନ୍ତୁ। ସମସ୍ତଙ୍କୁ ହୃଦୟରେ ଲଗାନ୍ତୁ। ଦରିଦ୍ର, ଦଳିତ, ନିପୀଡ଼ିତ ନର୍ଯ୍ୟାତିତଙ୍କ ଠାରେ ଭଗବାନଙ୍କୁ ଦର୍ଶନ କରନ୍ତୁ। ଯେ କୌଣସି ସେବା ହେଉ ନା କାହିଁକି, ସେବା କାର୍ଯ୍ୟରେ ଲାଗିଥିବାବେଳେ ସ୍ମରଣ ରଖିଥାନ୍ତୁ ଯେ, ଆପଣ ଭଗବାନଙ୍କର ସେବା କରୁଛନ୍ତି। ପ୍ରତ୍ୟେକଟି କାର୍ଯ୍ୟ ଗୋଟିଏ ଗୋଟିଏ ଈଶ୍ୱରାର୍ପିତ କାର୍ଯ୍ୟ ମନେକରି ତାହା କରିଯାଆନ୍ତୁ। ଏହି ଜ୍ଞାନ ରଖି ସେବାକାର୍ଯ୍ୟ କରିଗଲେ ଆପଣଙ୍କର ଆଧ୍ୟାତ୍ମିକ ଅଭିବୃଦ୍ଧି ଘଟିବାକୁ ବିଳମ୍ବ ହେବନାହିଁ। ଆପଣ ଅଚିତରେ ଦିବ୍ୟତ୍ୱ ଲାଭ କରିବେ। ଆପଣଙ୍କ ସେବାକାର୍ଯ୍ୟର ଉଦ୍ଦେଶ୍ୟର କିଛି ଦୋଷ ରହିଛି କି ନାହିଁ, ତାହା ପ୍ରତ୍ୟେକ କ୍ଷେତ୍ରରେ ପରୀକ୍ଷା କରି ଦେଖନ୍ତୁ। ଯଦି କୌଣସି ଠାରେ ସ୍ୱାର୍ଥଭାବ ରହିଥିବାର ଦେଖିବେ, ତେବେ ସଙ୍ଗେ ସଙ୍ଗେ ତାହା ପରିତ୍ୟାଗ କରନ୍ତୁ। ପ୍ରତ୍ୟେକ କାର୍ଯ୍ୟ ଏକାଗ୍ରତାର ସହିତ, ଅନୁରାଗ ସହିତ କରି ଚାଲନ୍ତୁ। କାର୍ଯ୍ୟରେ ମଜ୍ଜିଯାଆନ୍ତୁ କାର୍ଯ୍ୟରେ ସମସ୍ତ ଅନ୍ତର, ସମସ୍ତ ମନପ୍ରାଣ ଲଗାଇ ଦିଅନ୍ତୁ। ଫଳାଫଳ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ। ସମ୍ପୂର୍ଣ୍ଣ ଆସ୍ଥା ରଖି ଅଗ୍ରସର ହୁଅନ୍ତୁ। ଆତ୍ମ ବିଶ୍ୱାସ ରଖନ୍ତୁ। ସର୍ବଦା ଆନନ୍ଦରେ ରହନ୍ତୁ। ମନକୁ ଶୀତଳ ସମତୁଲ କରି ରଖନ୍ତୁ। କାମ ପାଇଁ କାମ କରନ୍ତୁ। ସାହାସୀ ହୁଅନ୍ତୁ। ନିର୍ଭୀକ ହୁଅନ୍ତୁ। ବିଶ୍ୱାସ ରଖନ୍ତୁ ଯେ, ଆପଣ ପ୍ରତ୍ୟେକ କାର୍ଯ୍ୟରେ ସଫଳକାମ ହେବେ। ଏହା ହିଁ ସଫଳତାର ଚାବିକାଠି। ନର ସେବା ହିଁ ନାରାୟଣ ସେବା। ତେଣୁ ସେବାକାର୍ଯ୍ୟ ଅଶ୍ରଦ୍ଧ ଭାବରେ, କୌଣସି ବାଧବାଧକତାରେ ପଡ଼ି କରିବା ଅନୁଚିତ। ସେବାକାର୍ଯ୍ୟ ଆତ୍ମଭାବ ନେଇ ଆନ୍ତରିକତାର ସହିତ କରିବାକୁ ପଡ଼େ। ଅନ୍ତର ନିର୍ମଳ କରିବା ଲାଗି ସେବା ହେଉଛି ଏକ ଯୋଗ। ଅନ୍ତର ନିର୍ମଳ ନ ହେଲେ, ଦିବ୍ୟ ଆଲୋକ ମିଳେ ନାହିଁ। ସେବାରେ ଆଗ୍ରହ ରଖିଥିବା ବ୍ୟକ୍ତି ନିଜର ମନକୁ ସର୍ବଥା ଏହି ଭାବରେ ଅଭ୍ୟସ୍ତ କରିବାକୁ ପଡ଼ିବ; ମନକୁ ସର୍ବଦା ଏହି ଭାବରେ ସଂଜୀବିତ କରି ରଖିବାକୁ ପଡ଼ିବ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ*

# ବିବସ୍ତ୍ରା ରେଙ୍ଗାଲି କାନ୍ଦୁଛି କଇଁ କଇଁ ଲୁହ ପୋଛିବାକୁ କେହି ନାହିଁ



ସମ୍ବଲପୁର, (ଡିକେ ନ୍ୟୁଜ): ପ୍ରକୃତିର ଧରିତ୍ରୀ। ପରିବେଶର ମାଟି। ଋଷ ଋଷୀର ମଉଡମଣୀ ଏବେ ଧରାଶୂନ୍ୟ। ମାଲିକ ମାଲିକାନା ସହିତ ପ୍ରଶାସନିକ ଦଖଲ ବଢିଲା ସତ କିନ୍ତୁ ସଂଗ୍ରାମର ସ୍ୱର ଓ ସ୍ୱାକ୍ଷର ଏବେ ନିଶ୍ଚିନ୍ନ ହେବାକୁ ଯାଉଛି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଭଳି ଶାନ୍ତ ସରଳ ପ୍ରକୃତିର କୋଳ। ମାଟି ମାଁ ମମତା ପାଇଁ ମହାନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ତେଜସ୍ୱୀର ଇତିହାସ ସାଇତି ରଖିଗଲେ ସତ ହେଲେ ସେହି ମାଟି ଏବେ ଧରାଶାୟୀ। ଏହି ମାଟିରେ ଋକିଛି ବ୍ରିଟିଶ ଶାସନ ପରି ମଣିଷ କୃତ ନିର୍ଯାତନାୟ କ୍ଷଣି କ୍ଷଣିକେ ମଣିଷ ଏଠି ବାଷ୍ପରୁଦ୍ଧ। ଶତାୟୁ ଆୟୁଷର ଧରିତ୍ରୀ କୋଳରେ ଏବେ ହଳାହଳ ବିଷର ବଳୟ। ଖଣ୍ଡ ଖଣ୍ଡ ହୋଇଯାଉଛି ରେଙ୍ଗାଲିର ବିଶେଷତ୍ୱ। ସତେ ଯେପରି ଏକଦା ଶାନ୍ତ ସରଳ ନିରାପଦ ଥିବା ରେଙ୍ଗାଲି ପରି ମହାପୁଣ୍ୟର ମହାଜୀବନରେ ଲଘି ଆସୁଛି ମହାବିପଦ। ଏକଦା ପରିବେଶରେ ପରିପୂର୍ଣ୍ଣ ରେଙ୍ଗାଲିର କରୁଣ କାହାଣୀ ଏବେ ବଡ଼ ବିଚିତ୍ରୟହଜିଗଲା ରେଙ୍ଗାଳ, ଶାଳ, ପତ୍ରା ଝାର ଜଙ୍ଗଲୟଲୋପ ପାଇଲେ ବନ୍ୟ ଜୀବଜନ୍ତୁ। ଏବେ ହଳାହଳ ବିଷ ବଳୟରେ କଟୁଛି ଦୁର୍ବିସହ ଜୀବନ। ହଜିଗଲା ଗାଁ ମାଟିର ବାସ୍ନା। ବିଛିନ୍ନ ହେଲା ପାରସ୍ପରିକ ସମ୍ପର୍କ। ରେଙ୍ଗାଲି ଏବେ କେହି ନୁହେଁ କାହାର। ସାଜିଛି ବ୍ୟବସାୟର ଗନ୍ତାଘର। ଜନ ଶ୍ରୁତି କହେ ରେଙ୍ଗାଳ ବନ ପାଇଁ ରେଙ୍ଗାଲିର ଗାଁର ଜନ୍ମ। ଶାଳ ଗଛ ପାଇଁ ସାଲଡ ଗାଁର ନାମକରଣ ପରି ପତ୍ରାପାଲି ଝାର ପତରା ଇତିହାସ ପୃଷ୍ଠାରେ ରହିଯିବ ସତ କିନ୍ତୁ ରେଙ୍ଗାଲି ଫେରି ପାଇବ ତା ହୃତ ଗୌରବ ଏହା ଆଉ ବିଶ୍ୱାସ ହେଉନାହିଁ। ରେଙ୍ଗାଲି, ଖିଣ୍ଡା ପ୍ରଜା ଶାସିତ ଜଙ୍ଗଲ, ଘିଋମୁରା ଜଙ୍ଗଲ, ନସାନଭଙ୍ଗା ଗ୍ରାମ୍ୟ ଜଙ୍ଗଲ, ସାଲଡ଼, ପତ୍ରାପାଲି ଦିନେ ଥିଲା। ଅରଣ୍ୟର ମହାଦୀପ। ଏହାର ସୁରକ୍ଷା ପାଇଁ ଦିନରାତି ଏକ କରି ଦେଇଥିବା ଅନେକ ତ୍ୟାଗୀ ପ୍ରକୃତି ବନ୍ଧୁଙ୍କୁ ଦିନେ ଭାରତ

## ଶିଳ୍ପ ପ୍ରତିଷ୍ଠାର ସାଇଡ ଏଫେକ୍ଟ

ସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ଦିଆଯାଇଥିଲା। ସେହି ପ୍ରକୃତି ପୁରୁଷ କିନ୍ତୁ ଆଜି ଲଙ୍ଗଳାୟନିଜ ମନପ୍ରାଣ ଦେଇ ଶାଳବନର ଗାରିମା ଆଣିଥିବା ଜଙ୍ଗଲ ହତ୍ୟାର ବିରୋଧ କରି ଥାନା ହାଜତକୁ ଯିବା ଭଳି ଘଟଣା ଘଟିସାରିଲାଣି। ଦୁଲ୍ଲଭ ଜୀବନ ପାଇଁ ତ୍ୟାଗୀ ମଣିଷକୁ ମହାଙ୍ଗା ହୋଇଗଲାଣି ଶିଳ୍ପ ମନ୍ତ୍ରଣାୟ ଶିଳ୍ପଯଜ୍ଞରେ ଛନ୍ଦି ହୋଇଯାଇଛି ରେଙ୍ଗାଲି। ଗୋଟିଏ କି ଦୁଇଟି ନୁହେଁ, ବରଂ ରେଙ୍ଗାଲିରେ ଗଢିଉଠିଲାଣି ସଂଖ୍ୟାଧିକ କାରଖାନା। କାରଖାନା କିନ୍ତୁ ହୋଇନି କାହାର। ବିଶ୍ୱାସର ବିଶ୍ୱାସଘାତକତା କରି ଲୁଟୁଛି ସମ୍ପଦ। ଶିଳ୍ପ ସଂସ୍ଥାର ହାତ ବାରିଶି ସାଜିଛି ସରକାର ଓ ପ୍ରଶାସନ। ସବୁ ଆଇନ କାନୁନକୁ ଉଲଂଘନ କରି ଶିଳ୍ପ ତାର ମନ ମର୍ଜି କାମ କରୁଥିଲେ ବି ଶାସନ ପ୍ରଶାସନ ନିରବଦ୍ରଷ୍ଟା। ସତେ ଯେମିତି ରେଙ୍ଗାଲି ଅଞ୍ଚଳର ନିରୀହ ମଣିଷର ଦାଉ ସାଧିବା ପରି ବ୍ୟବହାର ଭିତରେ ରେଙ୍ଗାଲି ହରାଇ ବସୁଛି ନିଜର ପୂର୍ବ ଐତିହ୍ୟର କୀର୍ତ୍ତିରାଜି। ଶିଳ୍ପ ମନ୍ତଣାରେ ପ୍ରକୃତି ପୁରୁଷକୁ ଯନ୍ତ୍ରଣା ଦେବା ଛଡା ବନ ସୁରକ୍ଷା ପ୍ରତି କାହାର ସୁଦ୍ଧା ତିଳେ ମାତ୍ର ନଜର ନାହିଁ। ଫଳରେ ଧରିତ୍ରୀ ମାଟି ମାଁ ଉପରେ ଋଲିଛି ପ୍ରତିଦିନ ବସ୍ତ୍ର ହରଣ। ଲୋପ ପାଇବାକୁ ଯାଉଛି ପ୍ରକୃତିର ସବୁଜିମା। ହୁଳା ହୁଳା ଧୂଆଁର ବିଷ ବଳୟରେ ଶ୍ୱାସରୁଦ୍ଧ ହେଉଛି ପ୍ରାଣୀ ଜଗତ। ରେଙ୍ଗାଲିରେ ଆଉ ଶୁଭୁନି ଗାଈର ହମ୍ବା ହମ୍ବା ରଡି କି, ଛେଳିର ମେଁ ମେଁ ଡାକ। ପକ୍ଷୀଙ୍କ ମଧ ନାହିଁ କଲ ରବ। ବସନ୍ତରେ କୋଇଲି ଗାଉନି ଗୀତ କି ପତ୍ରାପାଲିରେ ଶୁଭୁନି ଆଉ ଝିଙ୍କ ଝିଙ୍କାରିଙ୍କ ସ୍ୱର। ସତତରେ କେତେ ପରିବର୍ତ୍ତନ ହେଲାଣି ରେଙ୍ଗାଲି। ତଥାପି ନାଁ ଅଛି କାହାର ସ୍ୱର ନାଁ ପ୍ରତିବାଦ। କେତେ ସ୍ୱାର୍ଥପର ଏ ମଣିଷ ସମାଜ ! ରେଙ୍ଗାଲିରୁ ହଜିଗଲା ସବୁଜିମା। ଏବେ କଳା ରାକ୍ଷସ ପରି ରହିଛି ଗାଁ ଦାଣ୍ଡ, ଜମି ଜଙ୍ଗଲ। ହରାଇଛି ଜୈବ ବିବିଧତା। ହାରିଛି ଋଷୀ। ଶିଳ୍ପପତିର ରାଜରେ ଛନ୍ଦି ହୋଇଛି ରେଙ୍ଗାଲି। ବଦଳି ଗଲା ସରକାରୀ ନଥିପତ୍ର। ହଜି ଗଲା ସ୍ମୃତି, ଶିଳ୍ପ ସମୃଦ୍ଧ ରେଙ୍ଗାଲି ବୋଲି ପିଟା ଋଲିଛି ଡିଙ୍ଗୁରା। କିନ୍ତୁ ସବୁ ଢିଲା ମେଳାର ଶାସନତନ୍ତ୍ରରେ ରେଙ୍ଗାଲି କିନ୍ତୁ ହରାଇଲା ନିଜର ଗୌରବ ନୀଳ ଜଳ ରାଶି ଓ ସବୁଜିମାର ବଳ। ଭିତରେ ଥିବା ରେଙ୍ଗାଲି ଅଞ୍ଚଳ ଏବେ ଲଙ୍ଗଳା ହୋଇ କଳା ଆସ୍ତରଣରେ ଛାତି ମେଲେଇ ପଡିଛି। ଏହାର ପାଖତଳ ମାଡିବାକୁ ଯେମିତି ଆଉ ସାହସ ବାନ୍ଧୁନି। ଶ୍ରୀକୃଷ୍ଣ ନାହାଁନ୍ତି ବୋଲି ଦିନକୁ ଦିନ ରେଙ୍ଗାଲିରେ ଋଲିଛି ବସ୍ତ୍ର ହରଣ। ବନ ବିଭାଗ ଦେଇଥିବା ସୂଚନା ଅନୁସାରେ, ତଲାବିରା କୋଇଲା ଖଣି ପାଇଁ ତଲାବିରା, ପତ୍ରାପାଲି, ମାଲଦା, ତୁମେରମୁଣ୍ଡା ଏବଂ ରାମପୁର ଗାଁର ସମୁଦାୟ ୧୦୩୮.୧୮୭ ହେକ୍ଟର ଜଙ୍ଗଲ ବଳିପଡ଼ିବା ଏଥିରେ ଶହଶହ ବର୍ଷର ପୁରୁଣା ପତ୍ରାପାଲି ଜଙ୍ଗଲ ଅନ୍ୟତମ। ୨୦୬.୧୩୯ ହେକ୍ଟର ପରିମିତ ଏହି ଜଙ୍ଗଲର ୭୩.୬୨୬ ହେକ୍ଟର ରାଜସ୍ୱ ଓ ୧୩୨.୫୧୩ ହେକ୍ଟର ଜିଲ୍ଲାସ୍ତରୀୟ କମିଟି ଜଙ୍ଗଲ ଥିବା ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ପର୍ଯ୍ୟାୟ କ୍ରମରେ ରେଙ୍ଗାଲିର ବିଭିନ୍ନ ଅଞ୍ଚଳ ଶିଳ୍ପପତି ହାତକୁ ଗଲା। ଧୋଇ ହୋଇଗଲା ଲୋକଙ୍କ ଜନ ଜୀବନ। ନିଜ ଜୀବନର ରାହା ବୋଲି ଏବେ ରେଙ୍ଗାଲି ବାସୀଙ୍କ କେହି ନାହାଁନ୍ତି। ଶିଳ୍ପର କଳା ଧୂଆଁ ରଆସ୍ତରଣ ଓ ବୁକୁଫଟା ଉଚ୍ଚ କ୍ଷମତା ସମ୍ପନ୍ନ ବିସ୍ଫୋରଣର ବୁକୁ ଫଟା ଚିତ୍କାର ଭିତରେ ବିତୁଛି ଜୀବନ। ଶିଳ୍ପ ବିକାଶରେ ବାଟବଣା ରେଙ୍ଗାଲି ଇତିହାସ ଗର୍ଭରେ କେବଳ ହଜିଯାଉନି ବରଂ ଏହି ଅଞ୍ଚଳର ହୃତଗୌରବକୁ ଜଳାଞ୍ଜଳି ଦେବା ପାଇଁ ଋଲିଛି ବଡ଼ ଷଡଯନ୍ତ୍ର। ବିଛିନ୍ନ ହେବାକୁ ଯାଉଛି ଗମନା ଗମନ। ବେସରକାରୀ କାହିଁକି ସରକାରୀ ବସ ମଧ୍ୟ ରେଙ୍ଗାଲି ଛାତି ପବନରେ ଉଡିଲା ପରି ଋଲିଯାଉଛି ଓଭର ବ୍ରିଜ ଉପରେ। ଏହାଠୁ ବଡି ଲଜ୍ଜା ଆଉ କଣ ଥାଇପାରେ ରେଙ୍ଗାଲି ବାସୀଙ୍କ ପାଇଁ। ସୁନ୍ଦରଗଡ଼ ସମ୍ବଲପୁର ସରକାରୀ ବସ ଏହାର ଏକ ବଡ଼ ଉଦାହରଣ କୁହାଯିବ। ଦିନେ ରେଙ୍ଗାଲି ଥିଲା ଯାତ୍ରୀମାନଙ୍କ ଭରସାୟ ଜଳଖିଆ ଠାରୁ ଭୋଜନ ପରି ଆଶା ଭରସାର ଥିଲା ପ୍ରାଣକେନ୍ଦ୍ର। ଏବେ କିନ୍ତୁ କାଁ ଭାଁ କେତେକ ଯାତ୍ରୀ ବାହୀ ଗାଡି ଗୁଡ଼ିକୁ ଛାଡି ଦେଲେ ରେଙ୍ଗାଲିର ମାଟି ମାଡୁନି। ଏଥିପାଇଁ କାହାକୁ କରାଯିବ ଦାୟୀ ଭାବିଲା ବେଳକୁ ଛାତି ଫାଟି ପଡୁଛି। ଗଢି ଉଠିଲା ଶିଳ୍ପ କଳ କାରଖାନା। ହାତୀ ପରି ପାଚେରୀ ପଡିଲା। ହେଲେ ପିମ୍ପୁଡି ପରି ଜୀବଟିଏ ମଧ ପାଚେରୀ ଡେଇଁ ପାରୁନି। ଅସୁମାରୀ ସ୍ୱପ୍ନ ଭେଦୁନି ଏହି ପାଚେରୀ। ଭଲ ଲୋକଙ୍କ ପ୍ରବେଶ ନାହିଁ, ବରଂ ଲାଭଖୋର, ଠିକାଦାର, ଦଲାଲ, ପୁଞ୍ଜିପତି ଓ ବୋଲକରା ପ୍ରଶାସନ ଅଧିକାରୀଙ୍କ ରେଙ୍ଗାଲି ହେଉଛି ଚରାଭୂଇଁ। ଜମିହରା ଏବେ ଦାଣ୍ଡର ଭିକାରି। ଶିଳ୍ପର ସ୍ୱପ୍ନ ବୁଣି ଯେଉଁମାନଙ୍କ ଜମି ଗଲା, ନାଁ ସେମାନଙ୍କ ମୁହଁ କିଏ ଦେଖିଛି ନାଁ ସେମାନଙ୍କ ପରିବାର ଭିତରୁ କିଏ ଶିଳ୍ପ ସଂସ୍ଥାର ଅଧିକାରୀ ହୋଇଛି କି ? ଦେଇଥାନ୍ତା ନ୍ୟାୟ। କେବଳ ହାତ ଗଣତା କିଛି ଜମି ହରାଙ୍କୁ ମୂଳିଆ ସଜାଇ ପ୍ରଶାସନ ସହଯୋଗରେ ଶିଳ୍ପପତି ଦେଖାଇଛି ନିଜର ଚକମା। ଶିଳ୍ପ ହେବ। ବିକଶିତ ହେବ ଅଞ୍ଚଳ। ଦାଦନ ହଟିବ, ସମସ୍ତେ ପାଇବେ ଋକିରୀ। ସମୃଦ୍ଧ ହେବ ରେଙ୍ଗାଲି। ଏହି ସ୍ୱପ୍ନ ବୁଣି ଶାନ୍ତ ଶୀତଳ ପରିବେଶ ସମୃଦ୍ଧ ରେଙ୍ଗାଲିକୁ ଥୋଇଦିଆଗଲା ବିଷର ଜହର ଦେଇ। ଏବେ ଲୋକେ ପ୍ରମାଦ ଗଣୁଛନ୍ତି ସତ କିନ୍ତୁ ରେଙ୍ଗାଲିର ଭବିଷ୍ୟତ ପ୍ରତି ଚିନ୍ତା ନାହିଁ କାହାର। ଶିଳ୍ପ ଜହର ଭିତରେ ରେଙ୍ଗାଲିବାସୀଙ୍କ କରୁଣ ଚିତ୍କାର ଏବେ କଳବଳ କରୁଛି ସତ କିନ୍ତୁ ଉପାୟ କଣ ତାହାହିଁ ହୋଇଛି ବଡ଼ ପ୍ରଶ୍ନବାଚୀ ?

# କାର୍ ଧକ୍କାରେ ଗୁରୁତର ଯୁବକ ଚିକିତ୍ସାଧୀନ ଅବସ୍ଥାରେ ମୃତ

କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅଞ୍ଚଳରେ ଏକ କାର ଧକ୍କାରେ ଦୁଇ ଯୁବକ ଶୁକ୍ରବାର ରାତି ୧୧ଟାରେ ଗୁରୁତର ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ କଲୋନିର ଦୀପକ ବାଘ (୨୪) ଓ ଆହତ ହେଲେ ବାପୁଜୀ କଲୋନିର ମନୋଜ କୁଳଦୀପ (୨୫)। ଦୀପକ ଓ ମନୋଜ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଡିପି କ୍ୟାମ୍ପ ଯିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଠିଆହୋଇଥିବା ବେଳେ ଶଙ୍କର ବାହାଦୁର ନାମକ ବ୍ୟକ୍ତି ଏକ କାର୍ ଯୋଗେ ଆସି ଧକ୍କା ଦେଇଥିଲେ। ସେଠାରୁ ଦ୍ରୁତଗତିରେ ଋଲିଯାଇଥିଲେ। ଏଥିରେ ଦୀପକ ଓ ମନୋଜ ଗୁରୁତର ହୋଇଥିଲେ। ସେମାନଙ୍କୁ ପ୍ରଥମେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କ ମୃତ୍ୟୁ ହୋଇଛି। ପୁଅଙ୍କୁ ଜୀବନରୁ ମାରିଦେବା ବା ଉଦ୍ଦେଶ୍ୟ ରଖି କାର୍ ଋଳକ ଧକ୍କା ଦେଇଥିବା ଦୀପକଙ୍କ ମା’ ସୁଧରୀ ବାଘ ସୁନାବେଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୁନେବେଡା ଥାନା ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ଦୀପକ ଓ ମନୋଜ ଏକ ଟେଷ୍ଟ ହାଉସରେ କାମ କରୁଥିଲେ। କିଛିଦିନ ପୂର୍ବରୁ ଶଙ୍କରଙ୍କ ଭଉଣୀ ବାହାଘରରେ ଟେଷ୍ଟ ଲଗାଇଥିଲେ। ଟେଷ୍ଟ ବାବଦ ବାକି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ଶଙ୍କର ଗାଳିଗୁଲଜ କରି ସେମାନଙ୍କୁ ଜୀବନରେ ମାରିଦେବାକୁ କହିଥିବା ଦୀପକଙ୍କ ମା’ ଏତଲାରେ ଦର୍ଶାଇଛନ୍ତି। ମୁଖ୍ୟ ଆସାମୀକୁ ଧରିବା ପାଇଁ ସୁନାବେଡା ଥାନା ଆଗରେ ଶବ ରଖି ପରିବାର ଲୋକେ ଦାବି କରିଛନ୍ତି। ଉଭୟ ପଟୁ ସହ ସହ ଗାଡି ଗୁଡିକ ଠିଆ ହୋଇ ରହିଛି।

# ଚୂନବେଲାରି ଗ୍ରାମରେ ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ, (ଡିକେ ନ୍ୟୁଜ): ପାରାଦୀପ ଲକଥାନା ଅଧିନ ଚୁନବେଲାରି ଗ୍ରାମରେ ଜଣେ ମହିଳା ଶନିବାର ଆତ୍ମହତ୍ୟା କରିଛନ୍ତି।ସେ ଚୂନବେଲାରୀର ସରୋଜ ରାଉତଙ୍କ ସ୍ତ୍ରୀ ସୁଜାତା ରାଉତ (୪୦) ବୋଲି ଜଣାପଡ଼ିଛି। ପଡୋଶୀଙ୍କ କହିବା ମୁତାବକ କରଜ ଭାର ସହି ନପାରି ସେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ପଡୋଶୀଙ୍କ କହିବା ମୁତାବକ ମହିଳା ଜଣକ ନିଜ ସନ୍ତାନମାନଙ୍କୁ ପାଠ ପଢ଼ିବା ଲାଗି ଘରୋଇ ବ୍ୟାଙ୍କ ଠାରୁ ଆରମ୍ଭ କରି ହାତ ଉଧାରି ପର୍ଯ୍ୟନ୍ତ ବହୁ ଟଙ୍କା ପଇସା ଆଣି ସୁଜି ପାରି ନଥିଲେ। ଋଣ ଭାର ବଢି ଯିବାରୁ ସୁଜି ନପାରି ସବୁବେଳେ ମାନସ୍ତତ୍ୱସ୍ଥ ମଧ୍ୟରେ ରହୁଥିଲେ। ଏପରିକି ଲୋକଙ୍କ ପାଖରେ ଅପମାନ ସହିବାକୁ ପଡୁଥିଲା। ଏନେଇ ଆତ୍ମହତ୍ୟା କରିବା ନେଇ ଗୁହାଳ ମଧ୍ୟରେ ବେକରେ ରଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ମହିଳାଙ୍କ ସ୍ୱାମୀ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, (ଡିକେ ନ୍ୟୁଜ୍): ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଗୁଣ୍ଡିଚ୍ଚା ମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ତଥା ଭବିଷ୍ୟତରେ ନିର୍ମିତ ହେବାକୁଥିବା କୋଠାବାଡି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ଲାଗି ପଦକ୍ଷେପ ନେବାକୁ ରାଜ୍ୟ ନଗନ ଉନ୍ନୟନ ବିଭାଗକୁ ପତ୍ର ଲେଖିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଅରବିନ୍ଦ ପାଢ଼ୀ ରାଜ୍ୟ ନଗନ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚ୍ଚା ମନ୍ଦିର ସୁରକ୍ଷା ସାଙ୍ଗକୁ ଏହାର ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏହି ସବୁ ଅଞ୍ଚଳର କୋଠାବାଡିଗୁଡିକର ଉଚ୍ଚତା ଧାର୍ଯ୍ୟ କରାଯିବା ସହ ସାମ୍ମୁଖଭାଗ କଳିଙ୍ଗ ସ୍ଥାପତ୍ୟ ଢାଞ୍ଚାରେ କରାଇବା ଜରୁରୀ। ଏଥିସହିତ କୋଠାବାଡିଗୁଡିକ ବ୍ୟବହାର କରୁଥିବା ନାମଫଳକ ଏବଂ ବିଜ୍ଞାପନ ଉପରେ ମଧ ଆବଶ୍ୟକ କଟକଣା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟପ୍ରଶାସକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ସମଗ୍ର ଅଞ୍ଚଳରେ ଆଧାତ୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟକରଣ ଓ ଖାଲି ସ୍ଥାନର ବ୍ୟବହାର ସମ୍ପର୍କରେ ପ୍ରସ୍ତୁତ ହେବାକୁ ଥିବାନୀତିରେ ବିଋର କରିବାକୁ ମୁଖ୍ୟପ୍ରଶାସକ ଲେଖିଥିବା ପତ୍ରରେ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ପୂର୍ବରୁ ଗତ ମେ ୨୬ ତାରିଖରେ ପରିକ୍ରମା ପ୍ରକଳ୍ପ ବାହାରେ ବହୁ ବଡ଼ ବଡ଼ ଅଟ୍ଟାଳିକା ଗଢ଼ି ଉଠିବା ସହିତ ସେମାନେ ନିଜସ୍ୱ ଢଙ୍ଗରେ ସେଗୁଡିକ ନିର୍ମାଣ କରୁଥିବାରୁ ସେଥି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ ଲାଗି ଶ୍ରୀମନ୍ଦିର ପରିଋଳନା ସମ୍ପର୍କିତ ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଭଳି ନିର୍ମାଣ ଶ୍ରୀମନ୍ଦିର ଡିଜାଇନ୍ ଉପରେ ପ୍ରଭାବ ପକାଉଛି ଓ ଶ୍ରୀଗୁଣ୍ଡିଚ୍ଚା ମନ୍ଦିର ଋରିପାଖରେ ମଧ ସୁ-ଉଚ୍ଚ ଅଟ୍ଟାଳିକା ନିର୍ମାଣ ଋଲିଥିବାରୁ ଏନେଇ ନଗର ଉନ୍ନୟନ ବିଭାଗକୁ ଅବଗତ କରାଇ ଅଟ୍ଟାଳିକାଗୁଡ଼ିକର ଉଚ୍ଚତା ନିର୍ଦ୍ଧାରଣ ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖିବାକୁ ଶ୍ରୀମନ୍ଦିର ପରିଋଳନା ଲାଗି ଉଦ୍ଦିଷ୍ଟ ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା।

# ବରଗଡ଼ ରେ ପବିତ୍ର ରେଜାଙ୍ଗ’ଲା ସହିଦ ମାଟିର କଳସ ଯାତ୍ରା




ସମ୍ବଲପୁର, (ଡିକେ ନ୍ୟୁଜ): ଗତ ୧୯୬୨ ଚିନ - ଭାରତ ଯୁଦ୍ଧ ସମୟରେ ୧୧୪ ଜଣ ସୈନିକ (ସମସ୍ତେ ଅହିର ଯାଦବ) ୩୦୦୦ରୁ ଅଧିକ ଚିନ ସୈନିକଙ୍କୁ ସାମନା କରିବା ସହିତ ରାଜନୈତିକ ଦୃଷ୍ଟିକୋଣରୁ ରେଜାଙ୍ଗ’ଲା ପର୍ବତ ପଥକୁ ସଫଳତା ସହିତ ରକ୍ଷା କରିଥିଲେ। ସମଗ୍ର ଭାରତ ପରିକ୍ରମାରେ ବାହାରିଥିବା ପବିତ୍ର ରେଜେଙ୍ଗେ’ଲା ସହିଦ ମାଟିକୁ ଗତ ମାସ ମଇ ୧୩ରୁ ବିହାର ଚମ୍ପାରନରୁ ବାହାରି ଝାରଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଦେଇ ଉତ୍କଳ ଯାଦବ ମହାସଭା ସଭାପତି ଡ. ଆର୍ଶିବାଦ ବେହେରାଙ୍କ ତତ୍ୱାବଧାନରେ ଓଡ଼ିଶାକୁ ପ୍ରବେଶ କରି ଶନିବାର ବରପାଲିରୁ ଏକ ଶୋଭାଯାତ୍ରାରେ ବରଗଡ଼ ବୀର ସୁରେନ୍ଦ୍ର ସାଏ ଛକରୁ ବିଜୁପଟ୍ଟନାୟକ ଟାଉନ ହଲ ପର୍ଯ୍ୟନ୍ତ ସଂକିର୍ତ୍ତନ୍ୟ ଏବଂ ବଜା ଗଜା ସହିତ ଅଣାଯାଇ ପୂଜା ଅର୍ଚ୍ଚନା ପରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାକାର୍ଯ୍ୟ ପରେ ବାଇକ ରେଲିରେ ସହର ପରିକ୍ରମା କରାଯାଇଥିଲା। ସଭାକାର୍ଯ୍ୟରେ ରାଷ୍ଟ୍ରୀୟ ଯାଦବ ସାଧାରଣ ସମ୍ପାଦକ ତଥା ବରଗଡ଼ ଜିଲ୍ଲା ଯାଦବ ସଭାପତି ରାଜୁ ଘିବେଲାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ସଭାରେ ଅଲ ଇଣ୍ଡିଆ ଅହିର ରେଜିମେଣ୍ଟ କୋଅର୍ଡିନେଟର ବ୍ରିଗେଡିଅର ପ୍ରଦୀପ ଯାଦ୍ଵୁ, ରାଷ୍ଟ୍ରୀୟ ଯାଦବ ମହିଳା ସଭାପତି ମଞ୍ଜୁ ଯାଦ୍ଵୁ, ଉତ୍କଳ ଯାଦବ ଉପ ସଭାପତି ଲମ୍ବୋଦର ନିଆଲ, ଉପ ସଭାପତି ଧନସିଂ ଭୋଇ, ଯୁବ ଯାଦବ ସଭାପତି ପ୍ରଦୀପ ଥାପା, ପୌରପାଳିକା ତଥା ଯାଦବ ମହିଳା ସଭାପତି କଳ୍ପନା ମାଝୀ, ରାଜ୍ୟ ଯାଦବ କ୍ରୀଡା ସଦସ୍ୟା ତଥା ବରଗଡ଼ ଜିଲ୍ଲା ଯାଦବ ମହିଳା ସଂପାଦିକା ଆରୁଣା ଘିବିଲା, ଜିଲ୍ଲା ସଂପାଦକ ନାମ ଭୋଇ, ଜିଲ୍ଲା ଯୁବ ସଂପାଦକ ପିତବାସ ବେହେରା, ଆନନ୍ଦ ବଗର୍ତ୍ତି, ରାଧେ ପୋଢ, ଶୁଭେନ୍ଦୁ ବଗାର ଏବଂ ଅନ୍ୟାନ୍ୟ ସମସ୍ତ ଯାଦବ ଭାଇ ଭଉଣୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜେପି ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର, (ଡିକେନ୍ୟୁଜ): କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ସଫଳତାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କୁଚିଣ୍ଡା କଲେଜ ଆଡିଟରିଆମ୍‌ରେ ଭାରତୀୟ ଜନତା ପାର୍ଟି କୁଚିଣ୍ଡା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦଳୀୟ କର୍ମୀ, ସରକାରଙ୍କଅନୁଗାମୀଙ୍କ ସହିତ ଅନେକ ସାଧାରଣ ଜନତା ଏହି ଶିବିରରେ ରକ୍ତଦାନ କରିଥିଲେ। କୁଚିଣ୍ଡା ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଭୂତି କଲ୍ୟାଣ ପଟେଲ, ଅରୁଣ ଅଗ୍ରୱାଲ, ସୁଶିଲ ଅଗ୍ରୱାଲ, ଶୈଳେନ୍ଦ୍ର ନାୟକ, ରାଜକୁମାର ରକସା, ଚୂଡ଼ାମଣି ମାକର, ଲିଳିମା ପଟେଲ, କୁଞ୍ଜଲତା ନାଏକ, ପଲକ୍ ପଟ୍ଟନାୟକ, ପାୟଲ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିବା ବେଳେ କୁଚିଣ୍ଡା ରକ୍ତ ଭଣ୍ଡାର ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ମାରୱାଡ଼ି ଯୁବ ମଞ୍ଚର ସହଯୋଗରେ ଏହା ଆୟୋଜିତ ହୋଇଥିବା କୁହାଯାଇଛି।

# ପରିବେଶ ପ୍ରଦୂଷଣ ରୋକିବା ଆମର ଦାୟିତ୍ୱ, ମୋବାଇଲର ସଦ ବିନିଯୋଗ କର

## ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ



ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରର ସପ୍ତମ ସପ୍ତାହର ଶିକ୍ଷାଦାନ ସମାପନ ହୋଇଯାଇଛି। ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଔପଋରିକ ଭାବେ ଆଜିର ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣର ପ୍ରସଙ୍ଗ ପରିବେଶ ପ୍ରଦୂଷଣ ଓ ନିୟନ୍ତ୍ରଣଉପରେ ପ୍ରଶିକ୍ଷଣ ଆରମ୍ଭ କରି ରାଜ୍ୟ ପ୍ରଦୂଷଣ ଓ ନିୟନ୍ତ୍ରଣ ବୋର୍ଡ଼ର ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ଼. ସତ୍ୟନାରାୟଣ ନନ୍ଦ ପ୍ରଦୂଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଜଳ, ବାୟୁ ଓ ମାଟି ପ୍ରଦୂଷଣର କାରଣ, ଭୟାବହତା ଓ ନିୟନ୍ତ୍ରଣ ଦିଗ ଉପରେ ବିଭିନ୍ନ ଉଦାହରଣ ସହ ବୁଝେଇ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ବିଜ୍ଞାନ ପ୍ରସଙ୍ଗ ଉପରେ ଆଲୋଚନା ଆରମ୍ଭ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗର ସହକାରୀ ଅଧପିକା ଡ଼.ସାଗରିକା ମିଶ୍ର ମୋବାଇଲର କାରିଗରୀ କୌଶଳ ଏହାର ଉପକାରିତା ଓ ଅପକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା ଯଥାସମ୍ଭବ ମୋବାଇଲରେ କଥାବାର୍ତ୍ତା, ଖବର ଆଦାନ ପ୍ରଦାନ, ସୋସିଆଲ ମିଡିଆ ଓ ସାଇବର କ୍ରାଇମରୁ ଆସୁଥିବା ନକଲି ପ୍ରସାର ପ୍ରତି ସାବଧାନ ହେବାକୁ ପିଲାଙ୍କୁ ବୁଝେଇ ଏସବୁ ଠାରୁ ଦୂରେଇ ରହି ଏହାର ସଦବ୍ୟବହାର ପାଇଁ ସଚେତନ କରିଥିଲେ। ପ୍ରାରମ୍ଭରୁ କାର୍ୟ୍ୟକ୍ରମର ସଂଯୋଜକ ରାଜେନ୍ଦ୍ର ପଣ୍ଡା ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଋଳନା କରିଥିଲେ। ଏହି ଅବସରରେ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ସ୍କୁଲ ବେଗ ଓ ଲାଇବ୍ରେରୀ ତରଫରୁ ଚିହ୍ନଟ କାର୍ଡ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଅବିନାଶ, ସିଦ୍ଧାନ୍ତ, ରୁଦ୍ରଅଂଶୁ, ପୂଜାରିଣୀ, ଗୌରବ ଓ ଆଦିତ୍ୟ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ରଘୁନାଥ ମିଶ୍ର, ପ୍ରୋ ସେବକ ତ୍ରିପାଠୀ, ଅର୍ଜୁନ ପଣ୍ଡା, ଇ.ସୁଶାନ୍ତ କୁମାର ଗୁରୁ, ଡ଼. ଜୟଦେବ ମେହେର ଓ ପୃଥ୍ୱୀରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ୧୮ଟି ବିଦ୍ୟାଳୟରୁ ୪୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀର ନୂତନ ଗୃହର ଶିଳାନ୍ୟାସ

ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଂଚାୟତର ଅରଖକୁଦ ଗ୍ରାମରେ ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀ ନୂତନ ଗୃହ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ରବିବାର କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତସିଂହପୁର ବିଭାଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଶ୍ରୀ ଦାସଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ରମାକାନ୍ତ ମିଶ୍ର, ଠିକାଦାର ପବିତ୍ର କୁମାର ନାୟକ, ସାମାଜିକ କର୍ମୀ ବାବନ ନାୟକ, ପଦ୍ମଚରଣ ରାଉତ, ବିଜେପି ପଂଚାୟତ ସଭାପତି ବୈରାଗୀ ନାୟକ, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାତ୍ୟା ଆଶ୍ରୟସ୍ଥଳୀ ଗୃହ କେବଳ ବାତ୍ୟା ସମୟରେ ବ୍ୟବହାର ହେବ ତାହା ନୁହେଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଏହି ଗୃହକୁ ସ୍ଥାନୀୟ ଲୋକେ ବ୍ୟବହାର କରିପାରିବେ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନାଉଗାଁ ମଣ୍ଡଳ



ପ୍ରତିନିଧି ବିଷ୍ଣୁ ଚରଣ ବେହେରା, ଅଲଣା ମଣ୍ଡଳ ପ୍ରତିନିଧି ଦେବୀ ପାଢୀ, ପ୍ରର୍ଶୁରାମ ଜେନା, ପ୍ରଦିପ୍ତ ମହାନ୍ତି, ଜୟରାମ ବେହେରା, ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଶ୍ରୟସ୍ଥଳୀ ଗୃହ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ କାର୍ଯ୍ୟ ପାଇଁ ଅଟକଳ ମୂଲ୍ୟ ୩ କୋଟି ୫ ଲକ୍ଷ ଟଙ୍କା ରହିଛି।

# ସାଂସଦ ପ୍ରଦୀପ ପୁରୋହିତଙ୍କୁ ଓସାକା କମିଟି ସାକ୍ଷାତ



ବରଗଡ, (ଡିକେ ନ୍ୟୁଜ୍): ପଶ୍ଚିମ ଓଡ଼ିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଓ ୫ଜଣ କମିଟି ସଦସ୍ୟ ହାଇଦ୍ରାବାଦ ସ୍ଥିତ ହୋଟେଲ ଆଇଟିସି କାକଟିଆରେ ବରଗଡ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ସାକ୍ଷାତ କରି ପଶ୍ଚିମ ଓଡ଼ିଶାର କେତେକ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିବା ସୂଚନା ମିଳିଛି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକସଭା ସଦସ୍ୟ ଏସ୍‌ଆର୍ ବୋମାଇଙ୍କ ଅଧକ୍ଷତାରେ ଗଠିତ ଶ୍ରମ, ସ୍କିଲ ଡେଭେଲପମେଣ୍ଟ, ଟେକ୍ସଟାଇଲ ପାର୍ଲାମେଣ୍ଟ କମିଟି ବର୍ତ୍ତମାନ ୩ଟି ରାଜ୍ୟ ଗ୍ରସ୍ତ ଅବସରରେ ଗତ ୫ ତାରିଖରୁ ହାଇଦ୍ରାବାଦରେ ଅବସ୍ଥାନ କରିଛନ୍ତି। ଏହି କମିଟିର ସଦସ୍ୟ ଭାବେ ସାଂସଦ ପ୍ରଦୀପ ପୁରୋହିତ ହାଇଦ୍ରାବାଦ ଆସିଥିବା ବେଳେ ଓସାକା (ପଶ୍ଚିମ ଓଡ଼ିଶାର ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ) ସଭାପତି ସୁନୀଲ କୁମାର ଗଡତିଆ, ଡା.ପଦ୍ମନାଭ ପ୍ରଧାନ, ଉପ ସଭାପତି ସୁଧାଂଶୁ ତ୍ରିପାଠୀ, ସଂଗଠନ ସମ୍ପାଦକ ପ୍ରତ୍ୟୁଷ ରଞ୍ଜନ ମିଶ୍ର, ସଦସ୍ୟ ଉତ୍କଳ ମେହେର କମିଟି ସଦସ୍ୟମାନେ ସାଂସଦଙ୍କୁ ସ୍ୱାଗତ କରିବା ସହ ପଶ୍ଚିମ ଓଡିଶାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ବଲପୁରରୁ ସପ୍ତାହ ୩ଦିନ ହାଇଦ୍ରାବାଦ ଆସୁଥିବା ନାଗବଳୀ ଏକ୍ସପ୍ରେସ ଟ୍ରେନକୁ ପ୍ରତ୍ୟେକ ଦିନ ଋଲୁକରିବା, ସମ୍ବଲପୁରୀ - କୋଶଳୀ ଭାଷାକୁ ଓଡିଶା ସରକାର ରାଜ୍ୟର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେବା ଆଦି ପ୍ରସଙ୍ଗ ଉଠାଇ ଦାବିପତ୍ର ପ୍ରଦାନ କରିଥିଲେ।

## ସ୍ୱାସ୍ଥ୍ୟକର୍ମୀଙ୍କ ଭରସାରେ ଚାଲିଛି ଶିକରପାଇ ସ୍ୱାସ୍ଥ୍ୟ କେନ୍ଦ୍ର

### ୨୦ ହଜାର ଲୋକ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ




କଲ୍ୟାଣସିଂହପୁର, (ଡିକେ ନ୍ୟୁଜ): ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଥିବା ଶିକର ପାଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ବର୍ଷ ବର୍ଷ ହେଲା ଡାକ୍ତର ପଦବି ଖାଲି ପଡ଼ିଛି। ଫଳରେ ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କ ଭରସାରେ କୋଡିଏ ହଜାର ଜୀବନ ସହ ରୋଗୀ ସେବା ଚାଲିଛି। ଏଠାରେ ଶିକରପାଇ, ସେରିଗୁମା, ବୁଢ଼ାଗୁଡା ପଞ୍ଚାୟତ ସହ କାଶୀପୁର ବ୍ଲକ ଗୁଡିବାଲି, ଲେଲିଗୁମା ପଞ୍ଚାୟତର ଦୈନିକ ୧୦୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅଞ୍ଚଳରେ ଗୁରୁତର ହୋଇ ପଡ଼ିଥିବା ବେଳେ ଜଣେ ସ୍ୱାସ୍ଥ୍ୟ କର୍ମୀ ସନ୍ତୋଷ କୁମାର ଲେଙ୍କାଙ୍କ ସହିତ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋଗୀଙ୍କ ସେବା କରି ଆସୁଛନ୍ତି। ଡାକ୍ତର ସହିତ ଆବଶ୍ୟକ କର୍ମଚାରୀ ନଥିବାରୁ ରୋଗୀଙ୍କ ଚିକିତ୍ସା ବିପର୍ଯ୍ୟସ୍ତ ହୋଇ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ଅପ୍ରିତୀକର ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ଗତ ଛଅ ମାସ ପୂର୍ବେ ଏଠାରୁ ଜଣେ ଡାକ୍ତର ନିଯୁକ୍ତି ପାଇଥିଲେ କଣହେଲା କେଜାଣି କାହାର ଚାପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅନ୍ୟତ୍ର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁଣି ବଦଳି କରି ଦେଲେ ନା ଉଚ୍ଚ ଶିକ୍ଷା ପାଇଁ ଚାଲିଗଲେ ଅଞ୍ଚଳବାସୀଙ୍କ ପାଇଁ ଅଭିଶାପ ହୋଇ ଯାଇଛି। ଏହି ଅଞ୍ଚଳର ଦୈନିକ ଶତାଧିକ ମ୍ୟାଲେରିଆରେ, ଝାଡା ବାନ୍ତି, ଡେଙ୍ଗୁ ଆକ୍ରାନ୍ତ ରୋଗ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଆରଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସିତ ହୋଇ ଫେରୁଛନ୍ତି। ଜଣେ କର୍ମଚାରୀ ଔଷଧ ବିତରଣ ସାଙ୍ଗକୁ ରୋଗୀ ସେବା ସହ ଅଫିସ କାଗଜ ପତ୍ର କରିବାକୁ ପଡୁଥିବାରୁ ଜଟିଳ ସମସ୍ୟାରେ ଗତି କରିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। ଦିନ ଥିଲା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତି ମହିଳାଙ୍କ ଲମ୍ବା ଲାଇନ ଲାଗୁଥିଲା। ଏଠି ମାଆ ଓ ଶିଶୁଙ୍କ ଯତ୍ନ ଠିକ ରୂପରେ ନିଆଯାଇ ପ୍ରସବ କରାଯାଉଥିବାରୁ ଅନେକ ମହିଳା ଏଠାକୁ ଆସୁଥିଲେ। କିନ୍ତୁ ସେଦିନ ଆଉ ନାହିଁ ବର୍ତ୍ତମାନ ଗର୍ଭବତୀ ମହିଳା କ'ଣ ସାମାନ୍ୟ ପେଟବ୍ୟଥା କି ମୁଣ୍ଡ ବୁଥା ରୋଗୀ ଆସିବାକୁ ଅଇଚ୍ଛା ପ୍ରକାଶ କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବର ସୁଯୋଗ ନେଇ ନକଲି ଡାକ୍ତର ଓ କ୍ୱାକଙ୍କ ଘରେ କ୍ଲିନିକ ଖୋଲି ଚିକିତ୍ସା କରି ଲୋକଙ୍କ ଧନ ଓ ଜୀବନ ସହ ଖେଳ ଖେଳୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସବୁଜାଣି ଚୁପ ବସିବା ଘଟଣା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପଟେ ୧ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ନୂତନ କୋଠା ଆରମ୍ଭ ହେଲେ ଜଣେ କିପରି କାର୍ଯ୍ୟ କରିବି ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାକୁ କାର୍ଯ୍ୟକ୍ଷମ କରାଯାଉନି। ୨୦୨୩ ମସିହାରେ ଆରମ୍ଭ ହୋଇଥିଲେ ମଧ ଶେଷ ହେବାର ନା ଗନ୍ଧ ନେଉନି। ଠିକାଦାର ନିମ୍ନମାନର ଟାଇଲି ସହ ବିଦ୍ୟୁତ ଉପକରଣ ଲଗାଇ ଥିବାର ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଆବଶ୍ୟକ ରକ୍ଷଣାବେକ୍ଷଣ ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା କାର୍ଯ୍ୟକ୍ଷମ ହେବା ପୂର୍ବରୁ ନଷ୍ଟ ହେବାକୁ ବସିଲାଣି। ଡାକ୍ତର ସହିତ ଆବଶ୍ୟକ କର୍ମଚାରୀ ନିଯୁକ୍ତ ଏବଂ ନୂତନ କୋଠା କାର୍ଯ୍ୟକ୍ରମ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ବ୍ଲକର ସ୍ୱାସ୍ଥ୍ୟ ବ୍ୟବସ୍ଥା ହାଣ୍ଡିଏ ଭାତରୁ ମାତ୍ର ଗୋଟିଏ ଚାଉଳ ସଦୃଶ୍ୟ।

## ବୁଗୁଡ଼ା ଏନ୍‌ଏସିର ଦୁର୍ଗନ୍ଧରେ ଅନିଷ୍ଟ ଅଞ୍ଚଳବାସୀ, ପ୍ରତିକାର ଦାବି



ବୁଗୁଡ଼ା, (ଡିକେ ନ୍ୟୁଜ୍): ସଂପ୍ରତି ବୁଗୁଡ଼ା ଏନ୍‌ଏସି ଦୁର୍ଗନ୍ଧକୁ ନେଇ ସର୍ବସାଧାରଣରେ ସମାଲୋଚନାର ହକଦାର ପାଲଟିଛି। ଏନ୍‌ଏସି ମଧ୍ୟରେ ମୁକ୍ତାକାଶ ପରିସ୍ରା ସ୍ଥଳ ଯୋଗୁଁ ପଞ୍ଚାଗଳି, ବସଷ୍ଟାଣ୍ଡ ପଛପଟ, ମେଡ଼ିକାଲର ଆଗପଟ, ପଶୁ ଚିକିତ୍ସାଳୟ ପରିସର ଆଦି ଭଳି ଆହୁରି ଅନେକ ଦୁର୍ଗନ୍ଧ ସ୍ଥଳ ରହିଥିବା ବେଳେ ପରିବା ବଜାର ସମ୍ମୁଖସ୍ଥ ଆବର୍ଜନା ଜମାସ୍ଥଳ ଦୁର୍ଗନ୍ଧରେ ସବୁଠାରୁ ଆଗରେ ରହି ଚର୍ଚ୍ଚାର ପରିସରକୁ ଆସିଯାଇଛି। ସେଠାରେ ପରିବା ବଜାର ଆବର୍ଜନା ପକାଇବା ପାଇଁ କୁଣ୍ଡ ହୋଇଛି ଏବଂ ସେଥିରେ ଜୈବିକ ଆବର୍ଜନା ମଧ ଗଦା ହେଉଛି। ତେବେ ଏନ୍‌ଏସି ପ୍ରଶାସନର ଅବହେଳା କାରଣରୁ ତାହାକୁ ନିୟମିତ ସଫା କରାଯାଉ ନଥିବାରୁ ସେଠାରେ ପୂର୍ତ୍ତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ସେହି ପାଖଦେଇ ଯିବାବେଳେ ଲୋକଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି। ଅନ୍ୟ ପକ୍ଷରେ ମୁଖ୍ୟ ସଡ଼କକୁ ସଂଯୋଗ କରୁଥିବା ବାଲିପିଣ୍ଡି ରାସ୍ତାକୁ କିଛି ଅମାନିଆ ବେପାରୀ ଅକ୍ତିଆର କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବାରୁ ଲୋକେ ସେହି ରାସ୍ତାରେ ନଯାଇପାରି ଏହି ନାକ ଫଟା ଦୁର୍ଗନ୍ଧ ସ୍ଥଳ ଦେଇ ଯାତାୟତ କରିବାକୁ ବାଧ ହେଉଛନ୍ତି। ଏନେଇ ଏନ୍‌ଏସି କର୍ତ୍ତୃପକ୍ଷ ଏହି ଅବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

## ସରୁଛି ପୁରୁଷୋତ୍ତମପୁର ଠାକୁରାଣୀ ଯାତ୍ରା

ପୁରୁଷୋତ୍ତମପୁର, (ଡିକେ ନ୍ୟୁଜ୍): ରବିବାର ଶେଷ ହେଉଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରର କିମ୍ବଦନ୍ତୀ ପୂର୍ଣ୍ଣ ଐତିହାସିକ ଠାକୁରାଣୀ ଯାତ୍ରା। ଏହି ଅବସରରେ ରବିବାର ଛୁଟିଦିନ ଥିବାରୁ ସମଗ୍ର ସହର ଲୋକାରଣ୍ୟ ହୋଇ ପଡ଼ିଥିବା ବେଳେ ନାଚଗିତରେ ସହର ପ୍ରକମ୍ପିତ ହେବାରେ ଲାଗିଛି। ନରସିଂହ ଦାଶ ହାଇସ୍କୁଲ ପରିସରରେ ଆୟୋଜିତ ଯଜ୍ଞସ୍ଥଳକୁ ପଞ୍ଚ ଠାକୁରାଣୀ ବିରାଟ ଶୋଭାଯାତ୍ରାରେ ଆଣି ପୂଜାର୍ଚ୍ଚନା କରାଯାଇଥିଲ। ଏଥିରେ ପୁରୁଷୋତ୍ତମପୁର ଏସଡିପିଓ ଡ଼ଃ.ଦୀପକ କୁମାର ମିଶ୍ର, ତହସିଲଦାର ବିନୋଦ କୁମାର ବେହେରା, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା, ସୀତାରାମ ପାଣିଗ୍ରାହୀ, ଜୟନାରାୟଣ ଦାଶ, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରମୁଖ ସମସ୍ତ ସାହି ବସ୍ତିରେ ବିଭିନ୍ନ ପ୍ରକାରର ନାଟକ ପରିବେଷଣ ହେବାରେ ଲାଗିଛି। ସମଗ୍ର ସହର ଲୋକାରଣ୍ୟ ହୋଇପଡ଼ିଛି। ସନ୍ଧ୍ୟାରେ ମା' ଅସ୍ଥାୟୀ ମଣ୍ଡପରୁ ଉଠି ହାଇସ୍କୁଲ ପଡ଼ିଆରେ ବାଣଯାତ୍ରାକୁ ଆସିବା ସହ ସମଗ୍ର ସହର ପରିକ୍ରମା କରିବା ପରେ ବିଳମ୍ବିତ ରାତ୍ରରେ ନିଜନିଜର ମନ୍ଦିରକୁ ଫେରିଯିବେ।

## ରକ୍ତଦାନକୁ ନେଇ ସଚେତନତା



ବରଗଡ଼, (ଡିକେ ନ୍ୟୁଜ୍): ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ୧୬ତମ ପ୍ରତିଷ୍ଠା ଦିବସ ଜୁନ ୧୪ତାରିଖରେ ନିଷ୍ଠା ଭବନ ଆନ୍ଧ୍ର କେମ୍ପ, ଖଣ୍ଡହଥା ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟେକ ବର୍ଷ ଏକ ରକ୍ତଦାନ ସଚେତନତା ବାଇକ ରାଲିର ଆୟୋଜନ ହୋଇଥାଏ। ଏହି ବର୍ଷ ବରଗଡ଼ ଗୋରୁ ବଜାରରୁ ନିଷ୍ଠା ପରିବାରର ଶହ ଶହ ସଦସ୍ୟ ସଦସ୍ୟାମାନଙ୍କୁ ନେଇ ଏକ ବିରାଟ ବାଇକ ରାଲି ବାହାରି ପୁରା ବରଗଡ଼ ସହର ପରିକ୍ରମା କରିଥିଲା। ଏହି ବାଇକ ରାଲିକୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଶାନ୍ତ କିଶୋର ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ରକ୍ତ ଭଣ୍ଡାରମାନଙ୍କରେ ରକ୍ତ ଶୁନ ଥିବା ବେଳେ ଯୁବ ପିଢ଼ି ଆଗକୁ ଆସି ରକ୍ତଦାନ କରିବା ପାଇଁ ଲୋକମାନଙ୍କୁ ସଚେତନତା କରିବା ବାଇକ ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବାଇକ ରାଲିରେ ନିଷ୍ଠା ପରିବାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, କ୍ଷୀରୋଦ୍ର ସାହୁ, ମଦନ ମୋହନ ଦାଶ, ବିଦ୍ୟାଧର ଭୋଇ, ଜୟନ୍ତ ପ୍ରଧାନ, ସଚି ପଣ୍ଡା, ଜିତୁ ମହାପାତ୍ର, ସଭାପତି ରକ୍ଷପାଲ ସାହୁ ସଂପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ସଙ୍କେତ ଆଠଘରା, ମହିଳା ଶାଖାର ମୁଖ୍ୟ ତ୍ରିପୁରା ସୁହୁଳା ଓ ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ବାଇକ ରାଲିକୁ ସଫଳ କରିଥିଲେ।

## ସାମ୍ବାଦିକ କରୁଛନ୍ତି ଠିକାଦାରୀ, କାମରେ ହେଉଛି କେଳେଙ୍କାରୀ



କଣ୍ଟାପଡ଼ା, (ଡିକେ ନ୍ୟୁଜ୍): କଟକ ଜିଲ୍ଲା ଅନ୍ତର୍ଗତ କଣ୍ଟାପଡ଼ା ବ୍ଲକର ଇଛାପୁର ଏବଂ ଉରାଡ ଚାଷ ଜମିରେ ଚାଲିଥିବା କାଢ଼ା କାମ ଅତି ନିମ୍ନ ମାନର ହେଉଥିବା ଅଭିଯୋଗ ହେଇଛି। ସେହି ଅଞ୍ଚଳର ଜଣେ ବ୍ୟକ୍ତି ନିଜକୁ ସାମ୍ବାଦିକ କହୁଥିବା ବେଳେ ଠିକାଦାରୀ ହାତେଇଥିବା ଜଣାପଡିଛି। କଣ୍ଟାପଡ଼ା ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୧୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ହେଉଥିବା ବେଳେ, ଏହି କାର୍ଯ୍ୟରେ ଆଇଏସ୍‌ଆଇ ମାର୍କ ନଥିବା ପୁରୁଣା କଳଙ୍କି ରଡ୍ ସାଙ୍ଗକୁ ବଜାରରେ ପରିଚିତ ନଥିବା ସିମେଣ୍ଟ ବ୍ୟବହାର କରୁଛନ୍ତି ଠିକାଦାର। ସେହିଭଳି କାମ କିଭଳି ହେଉଛି କେଉଁ ପରିସ୍ଥିତିରେ ହେଉଛି ଓ କେତେ ପରିମାଣ ଭାଗ ମାପ ତାହା ତର୍ଜମା ବା ତଦାରଖ କରିବାକୁ ଉକ୍ତ ସ୍ଥାନରେ ବିଭାଗୀୟ ଜେଇ ରହୁନଥିବା ଦେଖିବାକୁ ମିଳିଛି। ସେହିପରି ପ୍ରଚଣ୍ଡ ରୌଦ୍ରତାପରେ କାଢ଼ା ତିଆରି ହୋଇଥିବା ବେଳେ କାର୍ଯ୍ୟ ପରେ ସେଥିରେ ପାଣି ନଦେବାରୁ କଂକ୍ରିଟ ଫାଟି ଆଁ କରୁଥିବା କହିଛନ୍ତି ସ୍ଥାନୀୟ ଲୋକେ। ସେପଟେ ସ୍ଥାନୀୟ ଚାଷୀଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଏମିତି ଠିକାଦାରମାନେ ଆସନ୍ତି ମନ ଇଚ୍ଛା କାମ କରନ୍ତି, ହେଲେ ପାଣି ଆସିବା ମାସେ ନପୁରୁଣୁ କାଢା ଦିଫାଳ ହୋଇଯାଏ, ବର୍ଷା ପାଣିକୁ ଭରସା କରି ଫସଲ କରୁ।

## ମେଗା ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର, ଗୋଶାଣିନୂଆଗାଁ ସ୍ଥିତ ଗୋପାଳ କୃଷ୍ଣ ରଙ୍ଗମଞ୍ଚରେ ସ୍ଥାନୀୟ ବ୍ରହ୍ମପୁର ମହାନଗର ନିଗମର ୨୬ ନମ୍ବର ୱାର୍ଡ କର୍ପୋରେଟର ଧୀରେଶ କୁମାର ସାତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ କରିଥିବାରୁ କର୍ପୋରେଟର ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିରରେ ବରିଷ୍ଠ ଡାକ୍ତର କୁମୁଦ ଚନ୍ଦ୍ର ଦାସ, ଅର୍ଥପେଡି ଡାକ୍ତର ଗୋପାଳ ଚନ୍ଦ୍ର ପାତ୍ର, କାଡିଓଲୋଜି ଡାକ୍ତର ଡି.ଶିବ ପ୍ରସାଦ, ଡାକ୍ତର ରେବତୀ ଦେବି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ଟେଷ୍ଟ ତଥା ଉଚ୍ଚ ରକ୍ତଚାପ, ମଧୁମେହ, ୟୁରିକ ଏସିଡି, ଲିକ୍ୟୁଡ଼ ପୋଫାଇଲ, ଚକ୍ଷୁ ଚିକିତ୍ସା ଇସିଜି ସହ କର୍କଟ ରୋଗର ଚିହ୍ନଟ, ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ମାଗଣାର ଚକ୍ଷୁ ଟେଷ୍ଟ ସହ ୧୦୦ରୁ ଉର୍ଦ୍ଧ୍ୱ ଚଷମା ବଣ୍ଟନ କରିବା ସହ ୫୬ ଜଣ ଇସିଜି ଟେଷ୍ଟ କରାଇଥିଲେ। ଏହି ଶିବିରରେ ୫ଟି ୱାର୍ଡର ଅଞ୍ଚଳବାସୀ ସମେତ ଗୋଶାଣୀ ନୂଆଗାଁ ଅଞ୍ଚଳର ୧୫ ଶହରୁ ଉର୍ଦ୍ଧ୍ୱ ଆସିଥିବା ରୋଗିମାନେ ଉପକୃତ ହୋଇଥିଲେ। ଏହି ଶିବିରରେ ପୂର୍ବତନ ସାଂସଦ ବିଜେଡି ନେତା ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଡିଏ ଅଦକ୍ଷ ସୁବାସ ମହାରଣାଙ୍କ ସମେତ ବହୁ କର୍ପୋରେଟର ଯୋଗ ଦେବା ସହ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହି ଅଞ୍ଚଳର ଅବସରପ୍ରାପ୍ତ ଖେଳ ଶିକ୍ଷକ କେଦାର ନାଥ ଚୌଧୁରୀ, ସମାଜସେବୀ ତଥା ଶିକ୍ଷକ ତ୍ରିନାଥ ମହାରଣା, କୃଷ୍ଣ ବେହେରା, ଜିନେସ ସାବତ ଓ କଲୁଆ ମନ୍ଦିର ସଭାପତି ଜଗନ୍ନାଥ ଚୌଧୁରୀ ସହ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଚିକିତ୍ସା ପାଇଁ ଆସିଥିବା ଅଞ୍ଚଳ ବାସି ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା।

## ସାପ୍ତାହିକ ସତ୍‌ସଙ୍ଗ-ମଣ୍ଡପ ନିମନ୍ତେ ଶିଳାନ୍ୟାସ

ଭଞ୍ଜନଗର, (ଡିକେ ନ୍ୟୁଜ୍): ଗର୍ଭାଧାନଠାରୁ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ନାମକରଣ, ଅନ୍ନପ୍ରାସନ୍ନ, ବ୍ରତୋପନୟନ, ବିବାହ ଆଦି ୧୬ ସଂସ୍କାର ପିଲାମାନଙ୍କ ସହିତ ସୁସଂହତ ପରିବାର ପାଇଁ ଭିନ୍ନ ଭିନ୍ନ ସମୟରେ ଶିବିରାଦିର ପରିଚାଳନା ନିମନ୍ତେ ଏକ ମଣ୍ଡପର ଶିଳାନ୍ୟାସ ବଡ଼କୋଦଣ୍ଡା ଛକ ନିକଟସ୍ଥ ଶ୍ରୀମାନ ପ୍ରମୋଦ କୁମାର ମହାନ୍ତିଙ୍କ ଜମିରେ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦେଧାମର ଅଧକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବ୍ରହ୍ମୁରେ ଏବଂ ବ୍ରହ୍ମପୁର ଦେ ପ୍ରଚାର ସମିତିର ସଦସ୍ୟମାନଙ୍କ ସହଯୋଗରେ ଏକାଦଶ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଭୂମିପୂଜନ କାର୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ଦୋନୁରାଗୀ ବ୍ୟକ୍ତିଶେଷ ଉପସ୍ଥିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଭଞ୍ଜନଗର ଦେ ପ୍ରଚାର ସମିତିର ବାନପ୍ରସ୍ଥୀ ଅନ୍ତର୍ଯ୍ୟାମୀ ଶ୍ରୁତିପଥିକ, ସୀମାଞ୍ଚଳ ପଟନାୟକ, ଶରତ କୁମାର ମହାନ୍ତି, ଟୁନା ଜେନା, ଲିଙ୍ଗରାଜ ନାୟକ, ଲାଲମୋହନ ନାୟକ, ସନ୍ତୋଷ କୁମାର ବେହେରା, ରବୀନ୍ଦ୍ର ଭୂୟାଁ, ବିଦେଶୀ ମହାରଣା, ପି.ସୁଧାକର ରାଓ, ସରୋଜ ପଟ୍ଟନାୟକଙ୍କ ସମେତ ସମସ୍ତ ସଭ୍ୟବୃନ୍ଦଙ୍କ ଆନ୍ତରିକ ସହଯୋଗରେ ସୁଚାରୁରୂପେ ପରିଚାଳିତ ହୋଇଥିଲା।

## ବସ ଦୁର୍ଘଟଣାରେ ପରିବା ବିକାଳୀ ଗୁରୁତର ଘଟଣା, ସହାୟତା ଦାବିରେ ରାସ୍ତା ଅବରୋଧ



ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ବିଜୁ ଏକ୍ସପ୍ରେସୱେର କୋକସରା ବ୍ଲକ ସାନପୋଡାଗୁଡା ଛକ ନିକଟରେ ଶନିବାର ସକାଳେ ବାଲେଶ୍ୱରରୁ ଜୟପୁର ଯାଉଥିବା ଓଏସ୍‌ଆରଟିସି ଭଲବୋ ବସ ଜଣେ ପରିବା ବିକାଳୀଙ୍କୁ ଦୁର୍ଘଟଣା ଘଟାଇ ଫେରାର ହୋଇଥିଲା। ଦୁର୍ଘଟଣାରେ ଗୋତମୁଣ୍ଡା ଗ୍ରାମର ପରିବା ବିକାଳୀ ମହେନ୍ଦ୍ର ପଟେଲ ଗୁରୁତର ଆହତ ହୋଇ ଭବାନୀପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ପରିବାର ଓ ସମ୍ପର୍କୀୟମାନେ ସନ୍ଧ୍ୟାରେ ବସ ଫେରିବା ବେଳେ ବିଜୁ ଏକ୍ସପ୍ରେସୱେର ଗୋତମୁଣ୍ଡା ଛକରେ ଅଟକ ରଖି ଗୁରୁତର ମହେନ୍ଦ୍ରଙ୍କ ଉପଯୁକ୍ତ ଚିକିତ୍ସା ସହାୟତା ଦାବି କରି ଅଟକ ରଖିଛନ୍ତି। ସୂଚନା ଯେ' ଗୁରୁତର ମହେନ୍ଦ୍ର ଏକ ଗରୀବ ଶ୍ରେଣୀର ହୋଇଥିବାବେଳେ ସେ' ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅଟନ୍ତି। ତାଙ୍କର ରୋଜଗାରରେ ପୁରା ପରିବାର ଚାଲିଥାଏ। ଏବେ ବସ ଦୁର୍ଘଟଣାରେ ଗୁରୁତର ହୋଇ ଭବାନୀପାଟଣା ମେଡିକାଲରେ ଚିକିତ୍ସାଧିନ ରହିଛନ୍ତି। ସନ୍ଧ୍ୟା ୭ଟା ସମୟରୁ ବସ ଅଟକ ରହିଥିବାବେଳେ ଖବର ପାଇ ଆମପାଣି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଖବର ପାଇ ଘଟଣାସ୍ଥଳରେ କୋକସରା ତହସିଲଦାର, କ୍ଷୀରୋଦ ବିହାରୀ ଭାରତ ନାଗ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପହଞ୍ଚି ରାସ୍ତା ଅବରୋଧ କରିଥିବା ପରିଜନ ଓ ଗ୍ରାମବାସୀଙ୍କ ସହ ବୁଝାସୁଝା କରି ସରକାରୀ ସ୍ତରରେ ଚିକିତ୍ସା ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ଅଟକ ବସକୁ ଯିବାକୁ ଦେଇଥିଲେ।

## ଏମକେସିଜିର ବିଭିନ୍ନ ବିଭାଗରେ ଦଲାଲ ସକ୍ରିୟ

### ପୋଲିସର ତନାଘନା ଆରମ୍ଭ

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁର ଏମକେସିଜି ମେଡିକାଲରେ ଦଲାଲ ସକ୍ରିୟ ରହିବା ସହ ବିଭିନ୍ନ ଭିନ୍ନ ସମୟରେ ରୋଗୀମାମାନେ ଉକ୍ତ ଦଲାଲଙ୍କ ଶିକାର ଦେଇଥିବା ଅଭିଯୋଗ ରହିଛି। ଏହି ଘଟଣାକୁ ନେଇ ବ୍ରହ୍ମପୁର ପୋଲିସ ପକ୍ଷରୁ ମେଡିକାଲରେ ସକ୍ରିୟ ଥିବା ଦଲାଲଙ୍କୁ ଦମନ ସହ ଚିହ୍ନଟ ନିଅନ୍ତେ ତନାଘନା ଆରମ୍ଭ କରାଯାଇଛି। ଏମକେସିଜି ମେଡିକାଲରେ ଦଲାଲି କରୁଥିବା ସନ୍ଦେହରେ ବୈଦ୍ୟନାଥପୁର ଥାନା ପକ୍ଷରୁ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିବା ଜଣାପଡିଛି ଓ ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ପୋଲିସ ପକ୍ଷରୁ କୌଣସି ସୂଚନାଦିଆଯାଇ ନାହିଁ। ଅନ୍ୟପକ୍ଷରେ ଏମକେସିଜି ମେଡିକାଲରେ ସବୁବେଳେ ଦଲାଲମାନେ ସକ୍ରିୟ ରହୁଛନ୍ତି। ଏ ନେଇ ଅଭିଯୋଗ ହେଉଥିଲେ ମଧ ଜିଲ୍ଲା ପ୍ରଶାସନ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇ ଆସୁଛି। କିଛି ମାସ ବ୍ରହ୍ମପୁର ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ କରାଯାଇ ଏମକେସିଜି ମେଡ଼ିକାଲରୁ ଏକାଧିକ ଦଲାଲଙ୍କୁ କାବୁ କରାଯାଇଥିଲା। ପୋଲିସ ସାଧା ପୋଷାକରେ ମେଡ଼ିକାଲକୁ ରୋଗୀ ବେଶରେ ଯାଇ ଦଲାଲଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଧରପଗଡ ପରେ ଏମକେସିଜି ମେଡିକାଲରୁ ଦଲାଲଙ୍କ ପ୍ରାଦୁର୍ଭାବ କମିଥିଲା। କିନ୍ତୁ ବର୍ତ୍ତମାନ ପୁଣି ଥରେ ମେଡିକାଲ ପରିସରରେ ମାଳ ମାଳ ଦଲାଲ ବୁଲୁଥିବା ନଜରକୁ ଆସୁଛି ସୂଚନାଯୋଗ୍ୟ ଏମକେସିଜି ମେଡିକାଲର ବିଭିନ୍ନ ବିଭାଗରେ ଦଲାଲମାନେ ସକ୍ରିୟ ରହୁଛନ୍ତି। ବିଭିନ୍ନ ସମୟରେ ଆଉଟ ଆଉଟଡୋର ଓ ଇନଡୋରରୁ ରୋଗୀଙ୍କୁ ଘରୋଇ ଡାଏଗୋଷ୍ଟିକ କେନ୍ଦ୍ର ଏବଂ ଘରୋଇ ହସପିଟାଲକୁ ଚାଲାଣ କରିଥିବା ନଜର ରହିଛି। ବିଶେଷକରି ଅସ୍ଥିଶଲ୍ୟ, ସର୍ଜରୀ ଓ ପ୍ରସୂତି ବିଭାଗରେ ଦଲାଲମାନେ ବେଶୀ ସକ୍ରିୟ ରହୁଛନ୍ତି। ରୋଗୀଙ୍କୁ ଏମକେସିଜି ମେଡିକାଲରୁ ଘରୋଇ ହସପିଟାଲ କିମ୍ବା ଡାଏଗ୍ନୋଷ୍ଟିକରେ ପହଞ୍ଚାଇବାକୁ ଏହି ଦଲାଲଙ୍କୁ ଭଲ କମିଶନ ମଧ୍ୟ ମିଳୁଛି। ଏପରିକି ୮ରୁ ୧୦ଜଣ ଦଲାଲ ନିଜ ନିଜଭିତରେ ଏକାଠି ହୋଇ ବିଭାଗ କରି ଦେଇଛନ୍ତି। ବଣ୍ଟନ ଦଲାଲମାନେ ସରକାରୀ ସ୍ୱାସ୍ଥ୍ୟକାର୍ଡଧାରୀଙ୍କୁ ସତମିଛ କହି ଘରୋଇ ହସପିଟାଲକୁ ଡାକି ନେବା ସହ ସେଠା ଠାରେ ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। କିଛି ଦିନ ତଳେ ଜଣେ ରୋଗୀ ଦଲାଲଙ୍କ ଶିକାର ହୋଇ ଏକ ଘରୋଇ ହସପିଟାଲକୁ ଯାଇଥିଲେ। କିନ୍ତୁ ସେଠାରେ ଆବଶ୍ୟକତା ଠାରୁ ତାଙ୍କର ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ପୋଲିସର ଦଲାଲ ଚିହ୍ନଟ ଆରମ୍ଭ ପରେ ଏମକେସିଜିରେ ସକ୍ରିୟ ରହିଥିବା ଅନ୍ୟ ଦଲାଲଙ୍କ ମନରେ ଛନକା ପଶିଛି।

## ପଛୁଆ ବର୍ଗ ମଞ୍ଚର କର୍ମକର୍ତ୍ତା ଚୟନ



କଳାହାଣ୍ଡି, (ଡିକେ ନ୍ୟୁଜ୍): ଭବାନୀପାଟଣା (ଅମଲା ଭବନ) ଠାରେ ପଛୁଆ ବର୍ଗ (ଓବିସି) ମଞ୍ଚ କଳାହାଣ୍ଡି କର୍ମକର୍ତ୍ତା ଚୟନ ଓ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ କରାଯାଇଛି। କଳାହାଣ୍ଡି ଜିଲ୍ଲା ପଛୁଆ ବର୍ଗ (ଓବିସି) ମଞ୍ଚ ଜିଲ୍ଲା ସଭାପତି ଭାବେ ଡମ୍ବରୁଧର ଲହଜଲ, କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାଖୁଡ, ଉପ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ବେଣୁଧର ଟୋଲଟିଆ, ଗୋଲାପ ଚନ୍ଦ୍ର ସାହୁ, ପ୍ରଦୀପ ନାଏକ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ବରାଡ, ସାଂଗଠାନିକ ସମ୍ପାଦକ ଡାକେଶ୍ୱର ଲହଜଲ, କୋଷାଧ୍ୟକ୍ଷ ଦିପ ଚନ୍ଦ ସାହୁ, ସହ ସମ୍ପାଦକ ରଶ୍ମି ରେଖା ରାଉତ, ବିରଞ୍ଚି ପ୍ରସାଦ ସରାପ, ସଚ୍ଚିଦାନନ୍ଦ ସାହୁ, କାର୍ଯ୍ୟକାରୀ ସଦସ୍ୟା ସଙ୍ଗୀତ ଖର୍ସେଲ, ସଦସ୍ୟ ଲିଳାମ୍ବର ସାହୁ, ରଜନୀକାନ୍ତ ବିଶି, ନରହରୀ ବାଗ, କୀର୍ତ୍ତି ଚନ୍ଦ୍ର ଗଉଡ, ବିକାଶ ପ୍ରଧାନ ଅଙ୍କୁର ବାଗ, ଗିରିଧାରୀ ସାହୁ, ଉପଦେଷ୍ଟା ରୁପକେଶରି ଦଳାଇ, ବ୍ରଜ ମୋହନ ସାହୁ, ସିଦ୍ଧାର୍ଥ ନାଏକ, କୀର୍ତ୍ତନ ନାଏକ, ପ୍ରକାଶ ଚନ୍ଦ୍ର ନାଏକ, ଈଶ୍ୱର ପୁଝାରୀ, ଟିକଚନ ନାଗ, ମହେନ୍ଦ୍ର ନାଏକ, ଦିଲୀପ କୁମାର ମେହେର, ଜିଲ୍ଲା ଛାତ୍ର କୋଡ଼ିନେଟର ନୀଳାମ୍ବର ସାହୁ ଓ ମେଡିଆଲ ସେଲ କୋର୍ଡ଼ିନେଟର ତୁଳାମଣି ନାଗ, ଲକ୍ଷ୍ମୀ ରଞ୍ଜନ ବାଗ ମନ ମହନ ପ୍ରଧାନଙ୍କ ନାମ ଘୋଷଣା କରିଛନ୍ତି ଓବିସି ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଦୁର୍ଗା ପ୍ରସାଦ ନାଏକୟ ଏବଂ ଓ (ଓବିସି)ମାନଙ୍କୁ ଶିକ୍ଷା, ଚାକିରି ଓ ରାଜନୀତି କ୍ଷେତ୍ରରେ ୨୭% ପ୍ରତିଶତ ସଂରକ୍ଷଣ ଦେବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କି ଗତ ତ୍ରିସ୍ତରୟ ପଞ୍ଚାୟତ ରାଜ ନିର୍ବାଚନ ରାଜ ନୀତିରେ ପଛୁଆ ବର୍ଗଙ୍କୁ ଓଡ଼ିଶା ରାଜ୍ୟର ବିଜୁ ଜନତା ଦଳ ସରକାର ସଂରକ୍ଷଣ ଦେଇ ନ ଥିଲେ ବୋଲି ବିଜୁ ଜନତା ଦଳ ଲୋକ ସଭା ସାଂସଦ କିମ୍ବା ସରକାର କରି ପାରିଲାନାହିଁ। ଯଦି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ୨୭_ତିଶତ ସଂରକ୍ଷଣ ରାଜ୍ୟ ସରକାର ନ ଦେଲେ ସାରା ରାଜ୍ୟରେ ଓବିଶି ମଞ୍ଚ ଓଡ଼ିଶା ପକ୍ଷରୁ ଭୟାଭୟ ଆନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି ପଛୁଆ ବର୍ଗ (ଓବିସି) ମଞ୍ଚ।

# ସମ୍ବଲପୁରୀ ଡେରାରେ ସମର୍ପଣ ଉତ୍ସବ: ଦିବଙ୍ଗତ ସଦସ୍ୟଙ୍କ ନାମରେ ବୃକ୍ଷ ସମର୍ପଣ



ସମ୍ବଲପୁର, (ଡିକେ ନ୍ୟୁଜ୍): ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁରୀ ଦିନ ପାଇଁ ରବିବାର ଗଣ ସଫେଇ ସହ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ, ଯୋଗ ପରିବାର, ଭାରତୀ ସମାଜ ଏବଂ ସମ୍ବଲପୁର ଜିଲ୍ଲା କିକ୍ ବକ୍ସିଂ ଏସୋସିଏସନର ସହଯୋଗରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଡେରା ପରିସରକୁ ସଫା କରାଯାଇଥିଲା। ପ୍ରତିବର୍ଷ ସମ୍ବଲପୁରୀ ଡେରା ପରିସରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମ ଦିନ ଅବସରରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନର ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଆନ୍ତି। ଏଥିପାଇଁ ଡେରା ପରିସରକୁ ସଫାସୁତୁରା କରିବା ପାଇଁ ରବିବାର ଏକ ଗଣ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମହାନଗର ନିଗମର ସଫେଇ କର୍ମଚାରୀଙ୍କ ସହ ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ଡେରା ପରିସରକୁ ସଫା କରିଥିଲେ। ଏହାପରେ ବିଗତ ଦିନରେ ଅକାଳ ବିୟୋଗ ହୋଇଥିବା ପଶ୍ଚିମାଞ୍ଚଳ ଏକତା ମଞ୍ଚର ପୂର୍ବତନ ଝାରସୁଗୁଡା ଜିଲ୍ଲା ସଂଯୋଜକ ଅଜିତ ରଥ ଏବଂ ସମ୍ବଲପୁରର ବରିଷ୍ଠ ସଦସ୍ୟ ସବ୍ୟସାଚୀ ମିଶ୍ରଙ୍କ ବିୟୋଗରେ ଦୁଇଟି ବୃକ୍ଷକୁ ସମର୍ପଣ କରାଯାଇଥିଲା। ମଞ୍ଚର ସମସ୍ତ ସଦସ୍ୟମାନେ ଉଭୟ ବୃକ୍ଷର ଦାୟିତ୍ୱ ନେଇ ଉଭୟ ସଦସ୍ୟଙ୍କ ଉପସ୍ଥିତକୁ ମନେ ପକାଇବା ପାଇଁ ସଂକଳ୍ପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ସତ୍ୟନାରାୟଣ ନନ୍ଦ ମୁଖ୍ୟଅତିଥି ଭବାରେ ଯୋଗ ଦେଇଥିଲେ। ଡେରା ପରିସରକୁ ସବୁଜ ସୁନ୍ଦର କରିବା ଦିଗରେ ସହଯୋଗ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ସମର୍ପଣ କାର୍ଯ୍ୟକ୍ରମ ପରେ ଡେରା ପରିସରରେ ଏକ ସ୍ୱାସ୍ଥ୍ୟ ଶିବର ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ସଦସ୍ୟମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରତିବର୍ଷ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ଆୟୋଜନ ହେଉଥିବାରୁ ବର୍ଷା ଯୋଗୁଁ ଡେରା ପରିସର କାହୁଅ ହୋଇଯାଇଥାଏ। ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ମହାନଗର ନିଗମକୁ ପରିସରକେ ପେବର୍ସ ବସାଯିବାକୁ ଅନୁରୋଧ କରାଯାଇଥିଲା। ଏହାସହ ଜୁଲାଇ ମାସରେ ସଦସ୍ୟମାନେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ତାର ଯତ୍ନ ନେବାକୁ ସଂକଳ୍ପ କରିଥିଲେ। ତେବେ ଡେରା ପରିସରରେ ନିୟମିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ବେଳେ ଏଠାରେ ଏକ ଖୋଲା ମଞ୍ଚ ଏବଂ ପାନୀୟ ଜଳର ବ୍ୟବସ୍ଥା କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଦାବି କରାଯାଇଥିଲା। ଏହାସହ ଆସନ୍ତା ସମ୍ବଲପୁରୀ ଦିନକୁ କିଭଳି ଆକର୍ଷଣୀୟ ଢଙ୍ଗରେ ଆୟୋଜନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ୬୦ରୁ ଅଧିକ ସଦସ୍ୟ ସାମିଲ ହୋଇଥିଲେ।

# ନବନିର୍ମାଣ କୃଷକ ସଂଗଠନର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ



ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଅବଦଲପୁର ଗ୍ରାମର ଅମରନାଥ ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚାଷୀ ନବକିଶୋର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ,ସହସଂଯୋଜକ ରଶ୍ମୀରଂଜନ ସ୍ୱାଇଁ, ରାଜ୍ୟ ଯୁବ ଛାତ୍ର ସଂଗଠନର ସଂଯୋଜକ ମନ୍ୱର ଅଲ୍ଲୀ, ରାଜ୍ୟ କମିଟି ସଦସ୍ୟ ଦେବୀ ପ୍ରସାଦ ମହାରଣା,ବାଲିକୁଦା ବ୍ଲକ ସଂଯୋଜକ ରଘୁନାଥ ନାୟ,ଜଗତସିଂହପୁର ବ୍ଲକ ସଂଯୋଜକ ପ୍ରମୋଦ ଦାସ, ଡାକ୍ତର ବିନୋଦ ବିହାରୀ ବେଉରା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଚାଷୀ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରାପ୍ତି, ଚାଷୀଙ୍କୁ ମାସକୁ ପାଂଚ ହଜାର ଟଙ୍କା ସୁରକ୍ଷା ଭତା, ଚାଷୀଙ୍କୁ ସମ୍ମାନ, ଚାଷ ପାଇଁ ସୁଦୃଢ ଭିତିଭୂମି, ଚାଷକୁ ମାଗଣା ବିଜୁଳି ପ୍ରଦାନ, ବନ୍ୟ ପ୍ରାଣୀଙ୍କ ଠାରୁ ଚାଷକୁ ସୁରକ୍ଷା ପ୍ରଦାନ, କୃଷିଭିତିକ ଶିଳ୍ପ ସ୍ଥାପନ, ଗରିବୀ, ଦାଦନ, ବେରୋଜଗାରୀ ଦୂରୀକରଣ, ସମସ୍ତଙ୍କୁ ଶିକ୍ଷା,ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ମାଗଣା, ନିଶା ମୁକ୍ତ, ସମୃଦ୍ଧ ଓଡିଶା ଗଠନ ଆଦି ଦାବି ଗୁଡିକ ପୂରଣ ନିମନ୍ତେ ଜନସାଧାରଣ ଦଳମତ ନିର୍ବିଶେଷରେ ନବନିର୍ମାଣ କୃଷକ ସଂଗଠନ ସହ ଯୋଡି ହେବା ପାଇଁ ନାଉଗାଁ ବ୍ଲକର ୧୬ଟି ପଂଚାୟତର ଚାଷୀ ନେତୃତ୍ୱମାନେ ବୈଠକରେ ଯୋଗ ଦେଇ ସଂକଳ୍ପ ନେଇଥିଲେ। ଆଗାମୀ ଦିନରେ ଏକ ବଡ ଚାଷୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଅକ୍ଷୟ କୁମାର ଉପସ୍ଥିତ ଚାଷୀ ନେତୃତ୍ୱମାନଙ୍କୁ ଆହ୍ୱାନ ଦେଇଥିଲେ।

# ୧୯୭୧ ବ୍ୟାଚ ବନ୍ଧୁମିଳନ

କାକଟପୁର, (ଡିକେ ନ୍ୟୁଜ): ପୁରୀଜିଲ୍ଲା କାକଟପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚର ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ପୀଠରେ ଏକ ବର୍ଣ୍ଣାଢ୍ୟ ପାରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହିତ ପରସ୍ପର ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହିତ ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ସମୟରେ ସହିଦ ହୋଇଥିବା ଗଞ୍ଜାମ ଆସିକା ଅଞ୍ଚଳର ଓଡ଼ିଆ ପୁଅ କାଶୀନାଥ ସାହୁଙ୍କ ସମେତ ସମସ୍ତ ସହିଦମାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରରେ କାକଟପୁର ମହାବିଦ୍ୟାଳୟ ଏବଂ ଗୋପ ମହାବିଦ୍ୟାଳର ପ୍ରାକ୍ତନ ଅଧ୍ୟକ୍ଷ ଜମେଶ୍ୱର ଦୀକ୍ଷିତ, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ପ୍ରଫେସର ଡ଼ଃ.ପ୍ରଭାତ କୁମାର ଦାଶ, ବାବାଜୀ ସେନାପତି, ପ୍ରମୋଦ ସେନାପତି, ରାଜକିଶୋର ଦାଶ, କ୍ଷୀରୋଦ ଦାଶ, କାଳୀ ପ୍ରସାଦ ଦାଶ, ହୃଷିକେଶ ଦୀକ୍ଷିତ, ପ୍ରମୋଦିନ ମହାନ୍ତି, ପ୍ରଫୁଲ୍ଲ ଦୀକ୍ଷିତ, ସର୍ବେଶ୍ୱର ଦୀକ୍ଷିତ, ବାଲୁଙ୍କେଶ୍ୱର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ। ପୁରୁଣା ସ୍ମୃତିକୁ ମନେ ପକାଇବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ସଂକଳ୍ପ ନେବାସହିତ ଦିବଂଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ମୃତିଚାରଣ କରିଥିଲେ।

# ଦାଦନରୁ ସ୍ୱାଭିମାନର ଯାତ୍ରା, ମହାରାଯୋର ଗାଁର କାହାଣୀ



ଖଡ଼ିଆଳ, (ଡିକେ ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍‌ର ମହରାଯୋର ଗାଁ। ଗାଁରେ ପାରମ୍ପରିକ କୁମ୍ଭାର ସମ୍ପ୍ରଦାୟର ଅନେକ ପରିବାର ବସବାସ କରନ୍ତି। କୌଳିକ କର୍ମରେ ପରିବାର ପ୍ରତିପୋଷଣ ସମ୍ଭବ ହେଉ ନଥିବାରୁ ଅଭାବ ଅନାଟନ ମଧ୍ୟରେ ଏମାନେ ଦିନେ ଗାଁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଥିଲେ। ସେମାନଙ୍କ ପାଇଁ କଷ୍ଟକର ଜୀବନ ସହିତ ପରିବାରର ବୁଢ଼ାବୁଢ଼ୀ ଏବଂ ଛୋଟ ଛୋଟ ପିଲା ଛୁଆମାନେ ଏହାଦ୍ୱାରା ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ କିନ୍ତୁ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ହସ୍ତଶିଳ୍ପ ବିଭାଗର ସହାୟତା ସେମାନଙ୍କ ଜୀବନ ଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ହସ୍ତଶିଳ୍ପ ବିଭାଗ ତରଫରୁ ସେମାନଙ୍କୁ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ଟେରାକୋଟା ନିର୍ମାଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହା ସେମାନଙ୍କ ଜୀବନରେ ନୂତନ ସମୃଦ୍ଧି ଆଣିଦେଇଛି। ଅତୀତର ଦାଦନ ଶ୍ରମିକ ଯୋଗେଶ୍ୱର ରଣା ଯିଏକି ବର୍ତ୍ତମାନର ଜଣେ ଟେରାକୋଟା ମାଷ୍ଟର୍ ଟ୍ରେନର କହନ୍ତି, କେବେ ଦିନେ ଆମେ ଅନ୍ୟ ରାଜ୍ୟକୁ ଯାଇ ଇଟାଭାଟି ମାଲିକଙ୍କ ପାଇଁ ମାଟି ଚକଟୁ ଥିଲୁ। କିନ୍ତୁ ଏବେ ଜିଲ୍ଲା ପ୍ରଶାସନ ସହାୟତାରେ ନିଜ ଘରେ ଥାଇ ନିଜ ଗାଁର ମାଟି ଚକଟି ଆମେ ସ୍ୱାଭିମାନ ସହିତ ବଞ୍ଚି ପାରୁଛୁ। ଟେରାକୋଟା ଶିଳ୍ପ ଆମକୁ ଏକ ନୂତନ ପରିଚୟ ସହିତ ଜୀବଦାନ ଦେଇଛି। ସୂଚନାଯୋଗ୍ୟ ଯେ ଜିଲ୍ଲା ହସ୍ତଶିଳ୍ପ ବିଭାଗ ସହାୟତାରେ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଯନ୍ତ୍ରଚାଳିତ କୁମ୍ଭାର ଚକ ଦ୍ୱାରା କମ୍ ପରିଶ୍ରମରେ ସୁନ୍ଦର ସୁନ୍ଦର ଟେରାକୋଟା ସମାଗ୍ରୀ ନିର୍ମାଣ କରି ପାରୁଛନ୍ତି। ଗାଁରେ ମା ଜୟଦୁର୍ଗା ଓ ମା ମାଣିକେଶ୍ୱରୀ ନାମରେ ଦୁଇଟି ମହିଳା ସ୍ୱୟଂ ସହାୟକ ଦଳ ଗଠିତ ହୋଇଛି। ଏଥିରେ ତିରିଶଟି ପରିବାର ଯୋଡି ହୋଇଛନ୍ତି। ନିଜ ଗାଁରେ ନିଜ ଘରେ ରହି ସେମାନେ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ହସ୍ତଶିଳ୍ପ ବିଭାଗ ଦ୍ୱାରା ସେମାନଙ୍କ ଉତ୍ପାଦ ସବୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରୀବଟା କରିବା ସୁଯୋଗ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ସେମାନେ ବେଶ୍ ଦୁଇ ପଇସା ରୋଜଗାର କରି ଖୁସିରେ ଜୀବନ ଯାପନ କରି ପାରୁଛନ୍ତି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏବେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ପାଇଁ ଯେଉଁ ଅଭିଯାନ ଚଳାଇଛନ୍ତି ସେଥିରେ ମହାରାଜୋର ଗାଁ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର




ଖୋର୍ଦ୍ଧା/ଜଟଣୀ, (ଡିକେ ନ୍ୟୁଜ୍): ଖୋର୍ଦ୍ଧା ନିକଟବର୍ତ୍ତୀ ବାଜପୁର ପଞ୍ଚାୟତ ମୁସଲିମ ସାହିର ଅଜମତ ମୁସତଫା କ୍ଲବ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଆପୋଲ ହସ୍ପିଟାଲ, ଭୁବନେଶ୍ୱରରୁ ଆସିଥିବା ଅଭିଜ୍ଞ ଡାକ୍ତର ଏବଂ ନର୍ସମାନଙ୍କ ଦ୍ୱାରା ରକ୍ତଚାପ, ମଧୁମେହ, ଚକ୍ଷୁ ପରୀକ୍ଷା, ଇସିଜି ଓ ରକ୍ତ ସମ୍ପର୍କିତ ସମସ୍ତ ପରୀକ୍ଷା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ଚିକିତ୍ସା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ଗ୍ରାମର ମୁରବି ସେକ୍ ହେଦାତୁଲା, ସଇଦ ମହମ୍ମଦ, ସୟଦ ଲିଆକତ ଅଲ୍ଲୀ, ସେକ୍ କେଫାତୁଲା, ସେକ୍ ବରକତୁଲ୍ଲା, ଅଇବୁ ମହମ୍ମଦ, ସୟଦ ହେଦାୟତ ଅଲ୍ଲୀ, ୟୁସୁଫ ମହମ୍ମଦ, ନେଶାର ଅଲ୍ଲୀ, କୁଦୁସ ମହମ୍ମଦ, ସେକ ଅଜୀମୁଲା ଓ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଜପୁରର ସରପଞ୍ଚ କେଦାରଶ୍ୱର ପୃଷ୍ଟି, ଆମ୍ବୁଜ ବଲ୍ଲଭ ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ସୁଶାନ୍ତ ସାହୁ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ରହି ଏଭଳି ମହତ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ‘ପୁଞ୍ଜିନିବେଶ ବଢିବ, ଶିଳ୍ପର...

ପାଇଁ ଆମେ ଆମର ଲ୍ୟାଣ୍ଡବ୍ୟାଙ୍କ ଏବଂ ଶିଳ୍ପ ଭିତ୍ତିଭୂମିର ସମ୍ପ୍ରସାରଣ କରିବୁ। ତୃତୀୟତଃ, ଆମେ ଆମର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବୁ ଏବଂ ଏକ ଆଧୁନିକ, ସମନ୍ୱିତ ପ୍ରୋଜେକ୍ଟ ଟ୍ରାକିଂ ପ୍ଲାଟଫର୍ମ ବିକଶିତ କରିବୁ। ଚତୁର୍ଥ, ଆମେ କଠିନ ନିୟମକୁ ନିୟନ୍ତ୍ରଣ ମୁକ୍ତ ଏବଂ ସରଳ କରିବୁ। ଏହି ପଦକ୍ଷେପଗୁଡ଼ିକ ରିୟଲ ଟାଇମ୍ ଅଗ୍ରଗତି ତଦାରଖ ସୁନିଶ୍ଚିତ କରିବ। ସମୃଦ୍ଧ ଓଡ଼ିଶା ୨୦୩୬ ପାଇଁ ଆଗାମୀ ୪ ବର୍ଷ ଆମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବ। ଆମେ ଆଇଓସିଏଲ୍, ଜେଏସଡବ୍ଲୁ, ଜେଏସପିଏଲ୍, ଟାଟା ଷ୍ଟିଲ୍, ଏଏମ୍ଏନ୍ଏସ୍, ବେଦାନ୍ତ, ହିଣ୍ଡାଲକୋ ଏବଂ ଆଦାନି ସହଯୋଗରେ ମାଇନିଂ, ଧାତୁ ଓ ସବୁଜ ରସାୟନ କ୍ଷେତ୍ରରେ ଆମ ନେତୃତ୍ୱକୁ ସୁଦୃଢ କରିବୁ। ପାରାଦୀପ-ଧାମରା-ଗୋପାଳପୁରରେ ନୂଆ ଟର୍ମିନାଲ, ଜେଟି ଓ କଣ୍ଟେନର ପରିଚାଳନା କ୍ଷମତା ମାଧ୍ୟମରେ ବନ୍ଦର ଭିତ୍ତିକ ଶିଳ୍ପାୟନକୁ ସୁଦୃଢ଼ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରି ପୂର୍ବ ଭାରତର ଏକ ଦ୍ରୁତ ବିକାଶଶୀଳ ଶିଳ୍ପ ହବରେ ପରିଣତ ହୋଇଛି। ଏହି ଅବସରରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ମତ୍ସ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଳ୍ପ ବିଭାଗ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ବିକାଶ ଠାରୁ...

ଗର୍ଭବତୀ ମହିଳା, ଅସୁସ୍ଥ ନବଜାତ ଶିଶୁ ଏବଂ ମା'ମାନଙ୍କ ପାଇଁ ପ୍ରସବ ପରେ ଛଅ ମାସ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଶୂନ-ମୂଲ୍ୟ ପ୍ରବେଶ ନିଶ୍ଚିତ କରୁଛି। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଉଚ୍ଚ ବିପଦପୂର୍ଣ୍ଣ ଗର୍ଭଧାରଣର ସମୟୋଚିତ ଚିହ୍ନଟ ସୁନିଶ୍ଚିତ କରିବା ପାଇଁ ପ୍ରଥମ ତ୍ରୈମାସିକରେ ପ୍ରସବପୂର୍ବ ଚାରିଟି ବ୍ୟାପକ ଯାଞ୍ଚ ପ୍ରଦାନ କରି ମାତୃ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସଂସ୍ଥାଗତ ପ୍ରସବକୁ ପ୍ରୋତ୍ସାହିତ କରିବା ଏବଂ ମାତୃ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ୫,୦୦୦ ଟଙ୍କାର ପ୍ରତ୍ୟକ୍ଷ ନଗଦ ଲାଭ ପ୍ରଦାନ କରିଥାଏ। ଏହା ଗର୍ଭାବସ୍ଥା ସମୟରେ ଉନ୍ନତ ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷଣକୁ ସୁନିଶ୍ଚିତ କରିଛି। ୨୦୧୬ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ପକ୍କା ଘର ସ୍ୱପ୍ନକୁ ପୂରଣ କରୁଛି। ପ୍ରାୟ ୨.୭୫ କୋଟି ପିଏମ ଆବାସ-ଗ୍ରାମୀଣ ହିତାଧିକାରୀଙ୍କ ମଧ୍ୟରୁ ୭୩ ପ୍ରତିଶତ ହେଉଛନ୍ତି ମହିଳା। ମହିଳାମାନଙ୍କୁ କେବଳ ଘର ମାଲିକାନା ମିଳିନାହିଁ, ଏହା ସେମାନଙ୍କୁ ମର୍ଯ୍ୟାଦା, ସୁରକ୍ଷା ଏବଂ ନିଷ୍ପତ୍ତି ନେବାକୁ ସକ୍ଷମ କରିଛି। ୨୦୧୬ ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ)ର ଶୁଭାରମ୍ଭ ସହିତ, ମହିଳାମାନଙ୍କୁ ୧୦.୩୩ କୋଟି ଏଲପିଜି ସଂଯୋଗ ବଣ୍ଟନ କରାଯାଇଛି। ଏହା ଧୂଆଁମୁକ୍ତ ରୋଷେଇ ଘର ସୁନିଶ୍ଚିତ କରିବା ସହ ମହିଳାଙ୍କୁ ଶ୍ୱାସ ରୋଗରୁ ମୁକ୍ତି ଦେଇଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏହାକୁ ସ୍ୱାସ୍ଥ୍ୟ ଏବଂ ପରିବେଶ ସଂସ୍କାରରେ ଏକ ମାଇଲଖୁଣ୍ଟ ଏବଂ ଲିଙ୍ଗଗତ ଅସମାନତା ଦୂର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଶଂସା କରିଛି। ୨୦୧୪ ପୂର୍ବରୁ ମାତ୍ର ୩୯% ଭାରତୀୟ ପରିବାର ପାଖରେ ଶୌଚାଳୟ ସୁବିଧା ଥିଲା। ଗତ ୧୧ ବର୍ଷ ମଧ୍ୟରେ ସରକାର ୧୨ କୋଟି ଶୌଚାଳୟ ନିର୍ମାଣ କରି ଦେଶକୁ ଖୋଲା ଶୌଚମୁକ୍ତ କରିବା ସହ ମହିଳାଙ୍କ ଜୀବନକୁ ସୁରକ୍ଷିତ କରିଛନ୍ତି। ପୂର୍ବରୁ ଦୀର୍ଘ ଦୂରତାରୁ ପାଣି ଆଣିବା ଗ୍ରାମାଞ୍ଚଳର ମହିଳାମାନଙ୍କ ପାଇଁ ଏକ ଦୈନନ୍ଦିନ ବୋଝ ଥିଲା। ୨୦୧୯ରେ ଆରମ୍ଭ ହୋଇଥିବା ଜଳ ଜୀବନ ମିଶନ (ଜେଜେଏମ) ଏହି କଠିନ ପରିଶ୍ରମକୁ ସମାପ୍ତ କରିବାକୁ ଚେଷ୍ଟା କରିଥିଲା। ୧୫.୬ କୋଟିରୁ ଅଧିକ ନଳ ଜଳ ସଂଯୋଗ ଗ୍ରାମୀଣ ଜୀବନଧାରଣରେ ପରିବର୍ତ୍ତନ ଆଣୁଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପ୍ରଣାଳୀ (ଏଚଏମଆଇଏସ) ତଥ୍ୟ ଅନୁଯାୟୀ, ଜାତୀୟସ୍ତରରେ ଜନ୍ମ ଅନୁପାତ (ଏସଆରବି) ୯୧୮ (୨୦୧୪-୧୫) ରୁ ୯୩୦ (୨୦୨୩-୨୪)କୁ ବୃଦ୍ଧି ପାଇଛି। ଶିକ୍ଷା ମନ୍ତ୍ରଣାଳୟର ୟୁଡିଆଇଏସ୍ଇ ତଥ୍ୟ ଅନୁଯାୟୀ, ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟରେ ବାଳିକାମାନଙ୍କ ନାମଲେଖା ୭୫.୫୧% ପ୍ରତିଶତ (୨୦୧୪-୧୫)ରୁ ୨୦୨୩-୨୪ରେ ୭୮ ପ୍ରତିଶତକୁ ବୃଦ୍ଧି ପାଇଛି। ୨୨ ଜାନୁଆରୀ ୨୦୧୫ରେ ଆରମ୍ଭ ହୋଇଥିବା ସୁକନ୍ୟା ସମୃଦ୍ଧି ଯୋଜନା ଆର୍ଥିକ ସୁରକ୍ଷା ମାଧ୍ୟମରେ ବାଳିକାମାନଙ୍କୁ ସଶକ୍ତ କରିବାର ଏକ ଦଶନ୍ଧି ପୂରଣ କରିଛି। ନଭେମ୍ବର ୨୦୨୪ ସୁଦ୍ଧା, ସମଗ୍ର ଭାରତରେ ୪.୨ କୋଟିରୁ ଅଧିକ ଆକାଉଣ୍ଟ ଖୋଲାଯାଇଛି, ଯାହା ଏହି ଯୋଜନା ଉପରେ ବ୍ୟାପକ ଜନସାଧାରଣଙ୍କ ଅଂଶଗ୍ରହଣ ଏବଂ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଆଜି, ମହିଳାମାନେ ଗର୍ବର ସହ ପୋଲିସ୍ ସେବା ଏବଂ ସଶସ୍ତ୍ର ବାହିନୀର ସମସ୍ତ ଶାଖାରେ ୟୁନିଫର୍ମ ପିନ୍ଧୁଛନ୍ତି, ସ୍ଥାୟୀ କମିଶନ ବର୍ତ୍ତମାନ ଏକ ବାସ୍ତବତାରେ ପରିଣତ ହୋଇଛି। ସୈନିକ ସ୍କୁଲ ଏବଂ ଜାତୀୟ ପ୍ରତିରକ୍ଷା ଏକାଡେମୀରେ ଝିଅମାନଙ୍କୁ ଭର୍ତ୍ତି କରାଯିବା ଭଳି ଐତିହାସିକ ସୁଯୋଗ ସୃଷ୍ଟି କରାଯାଇଛି। ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ, ଭାରତୀୟ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ ଚନ୍ଦ୍ରଯାନ-୩ର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଯାହା ଭାରତର ବୈଜ୍ଞାନିକ ଉତ୍କର୍ଷତା ଏବଂ ଲିଙ୍ଗଗତ ଅନ୍ତର୍ଭୁକ୍ତିକରଣର ପ୍ରତୀକ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷିତ କରିଛି। ତିନି ତଲାକ୍ ଉଚ୍ଛେଦ ମୁସଲମାନ ମହିଳାମାନଙ୍କୁ ସେହି ମର୍ଯ୍ୟାଦା ଏବଂ ଆଇନଗତ ସୁରକ୍ଷା ପ୍ରଦାନ କରିଛି ଯାହାର ସେମାନେ ଦୀର୍ଘ ଦିନରୁ ହକଦାର ଥିଲେ। ମହିଳାମାନଙ୍କ ବିବାହ ବୟସକୁ ୧୮ ବର୍ଷରୁ ୨୧ ବର୍ଷକୁ ବୃଦ୍ଧି କରିବାର ପ୍ରସ୍ତାବ ଶିକ୍ଷା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହେବ। ମାତୃତ୍ୱ ଛୁଟିକୁ ୨୬ ସପ୍ତାହକୁ ଦ୍ୱିଗୁଣିତ କରିବା ଦ୍ୱାରା କର୍ମଜୀବୀ ମାଆମାନଙ୍କୁ ସହାୟତା କରିବାରେ ଭାରତ ସବୁଠାରୁ ପ୍ରଗତିଶୀଳ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି ଏବଂ ଧାରା ୩୫-ଏ ଉଚ୍ଛେଦ ହେବା ସହିତ ଜାମ୍ମୁ-କାଶ୍ମୀରରେ ମହିଳାମାନେ ଏବେ ସମାନ ସମ୍ପତ୍ତି ଏବଂ ଆଇନଗତ ଅଧିକାର ଉପଭୋଗ କରୁଛନ୍ତି ଯାହାକି ଅତୀତର ଅନ୍ୟାୟର ଏକ ଐତିହାସିକ ସଂଶୋଧନକୁ ଦର୍ଶାଉଛି। ଦୁଇଟି ପ୍ରମୁଖ ଯୋଜନା-ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମଏମୱାଇ) ଏବଂ ଷ୍ଟାଣ୍ଡ-ଅପ୍ ଇଣ୍ଡିଆ-ଏହି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୁଦ୍ରା ଯୋଜନାରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ୫୨.୫ କୋଟିରୁ ଅଧିକ ମୁଦ୍ରା ଋଣ ଆକାଉଣ୍ଟ ମଧ୍ୟରୁ ୬୮% ମହିଳାଙ୍କ ନାମରେ ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଅଧୀନରେ ୨.୭୩ ଲକ୍ଷରୁ ଅଧିକ ଆକାଉଣ୍ଟକୁ ମଞ୍ଜୁରି ଦିଆଯାଇଛି, ଯେଉଁଥିରୁ ୨,୦୪,୦୫୮ ଋଣ, ଅର୍ଥାତ ପାଖାପାଖି ୮୩ ପ୍ରତିଶତ ମହିଳାମାନଙ୍କ ପାଇଁ ମଞ୍ଜୁର କରାଯାଇଛି। ଏହାର ପରିମାଣ ୪୭,୭୦୪ କୋଟି ଟଙ୍କାରୁ ଅଧିକ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅନ୍ତର୍ଗତ ୧ କୋଟିରୁ ଅଧିକ ମହିଳାଙ୍କୁ ୨ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରାଯାଇଛି। ଏହି ସଶକ୍ତିକରଣକୁ ଏକ ପାଦ ଆଗକୁ ନେଇ, ଲଖପତି ଦିଦି କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଉଭା ହୋଇଛି। ମାର୍ଚ୍ଚ ୨୦୨୫ ସୁଦ୍ଧା, ଏହା ୧,୪୮ କୋଟି ଏସଏଚଜି ସଦସ୍ୟଙ୍କୁ ବିବିଧ ଏବଂ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ମାଧ୍ୟମରେ ସର୍ବନିମ୍ନ ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ଉପାର୍ଜନ କରିବାରେ ସକ୍ଷମ କରିଛି। ମିଶନ ମୋଡରେ ଆରମ୍ଭ ହୋଇଥିବା ମିଶନ ଶକ୍ତି ହେଉଛି ଜୀବନର ସମସ୍ତ ପର୍ଯ୍ୟାୟରେ ମହିଳାମାନଙ୍କ ସୁରକ୍ଷା, ସୁରକ୍ଷା ଏବଂ ସଶକ୍ତିକରଣ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଏକ ଫ୍ଲାଗସିପ୍ ପଦକ୍ଷେପୟ ନିର୍ଯାତନା ସମ୍ପର୍କରେ ଅଭିଯୋଗ କରିବା ଲାଗି ଦେଶରେ ୮୧୯ଟି ୱାନ୍ ଷ୍ଟପ୍ କେନ୍ଦ୍ର ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ଏଥିରୁ ୧୦.୯୮ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ସଖୀ ନିବାସ ଯୋଜନାରେ ୫.୭ ଲକ୍ଷ ମହିଳା ସହାୟତା ପାଇଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣ ପ୍ରତି ମୋଦି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତା ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି।

### କଲମ୍ବିଆ ରାଷ୍ଟ୍ରପତି...

ଏକ ପ୍ରଚାର କାର୍ଯ୍ୟକ୍ରମ ସମୟରେ ଉରିବେଙ୍କ ଉପରେ ହୋଇଥିବା ଆକ୍ରମଣକୁ ସ୍ପଷ୍ଟ ଏବଂ ଦୃଢ଼ ନିନ୍ଦା କରେ। ସେହିଭଳି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ବିବୃତ୍ତିରେ କହିଛି ଯେ ଏହି ହିଂସାକାଣ୍ଡ କେବଳ ତାଙ୍କ ବ୍ୟକ୍ତିତ୍ୱ ବିରୁଦ୍ଧରେ ନୁହେଁ, ବରଂ ଗଣତନ୍ତ୍ର, ଚିନ୍ତାଧାରାର ସ୍ୱାଧୀନତା ଏବଂ କଲମ୍ବିଆରେ ରାଜନୀତିର ବୈଧ ଅଭ୍ୟାସ ବିରୁଦ୍ଧରେ ମଧ୍ୟ ଏକ ଆକ୍ରମଣ। ପେଟ୍ରୋଙ୍କ ଜଣେ କଠୋର ସମାଲୋଚକ ଉରିବେ ଡେମୋକ୍ରାଟିକ ସେଣ୍ଟର ପାର୍ଟିର ସଦସ୍ୟ, ଯିଏ ଗତ ଅକ୍ଟୋବରରେ ୨୦୨୬ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱ-ନ୍ଦ୍ୱିତା କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ।

### ଭୁବନେଶ୍ୱରରେ ନିର୍ମାଣ ହେବ...

ଆମେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ପଦକ୍ଷେପ ଗ୍ରହଣ କରୁଛୁ, ଯାହା ଓଡ଼ିଶାରେ ଶିଳ୍ପ କ୍ଷେତ୍ରକୁ ଉତ୍ସାହିତ କରିବ, ମନ୍ତ୍ରୀ କହିଛନ୍ତି।

### ୬ ହଜାର ମୁହାଁ...

୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ଏହି ସମୟ ମଧ୍ୟରେ ଜଣେ ଲେଖାଏ କରୋନାରେ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରୁ ରବିବାର ସୁଦ୍ଧା ୫୪୮୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ଚଳିତ ମାସରଆ ୭୬୦ ଜଣ ସୁସ୍ଥ ହୋଇଛନ୍ତି। ତେବେ ରାଜ୍ୟରେ ଚିହ୍ନଟ ହୋଇଛନ୍ତି ଆଉ ୭ ଜଣ ନୂଆ କରୋନା ରୋଗୀ। ଏଥିସହ ରାଜ୍ୟର ମୋଟ କୋଭିଡ ପଜିଟିଭ ସଂଖ୍ୟା ୪୫ରେ ପହଞ୍ଚିଛି। ତେବେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇସାରିଲେଣି। ଅର୍ଥାତ ଏବେ ରାଜ୍ୟର ସକ୍ରିୟ କରୋନା ରୋଗୀ ସଂଖ୍ୟା ୩୩ ରହିଛି।

# ନିଖିଳ ଭାରତ ବେଙ୍ଗଲୀ ସାମଓ୍ୱାଇ ସମିତି ଓଡିଶା ରାଜ୍ୟ ପ୍ରତିନିଧି ସମ୍ମିଳନୀ




କୋରାପୁଟ, (ଡିକେ ନ୍ୟୁଜ୍): କୋରାପୁଟ ଟାଉନ ହଲ ଠାରେ ନିଖିଳ ଭାରତ ବେଙ୍ଗଲୀ ସାମଓ୍ୱାଇ ସମିତି ଓଡିଶା ରାଜ୍ୟ ପ୍ରତିନିଧି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ନିଖିଳ ଭାରତ ବେଙ୍ଗଲୀ ସାମଓ୍ୱାଇ ସମିତିର ସଭାପତି ଡକ୍ଟର ସୁବୋଧ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାର ପ୍ରତିନିଧିଙ୍କ ଓ ଭାରତର ୧୮ଟି ରାଜ୍ୟର ବେଙ୍ଗଲୀ ସମ୍ପ୍ରଦାୟର ପ୍ରତିନିଧି ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ତିନି ଦାବି ଉପରେ ଆଲୋଚନା କରାଯାଇଥିଲା। ଯେଉଁ ବେଙ୍ଗଲୀ ସମ୍ପ୍ରଦାୟ ରହିଛନ୍ତି ସେମାନଙ୍କୁ ଜମି ପଟ୍ଟା ପ୍ରଦାନ, ବେଙ୍ଗଲୀ ଶିକ୍ଷକ ନିଯୁକ୍ତି କରିବା ତା ସହିତ ମାତୃଭାଷା ବେଙ୍ଗଲୀ ବିଷୟ ରଖିବା, ନାଗରିକ୍ୱବ ପ୍ରଦାନ କରିବା ଭଳି ଦାବି ରହିଛନ୍ତି। ସାରା ଭାରତରେ ବେଙ୍ଗଲୀ ସମ୍ପ୍ରଦାୟର ଅଧିବାସୀମାନେ ବସବାସ କରୁଛନ୍ତି। କିଛି ଅଧିବାସୀ ନାଗରିକତ୍ୱ ପ୍ରଦାନ କରାଯାଇଥିବା ବେଳେ ଆଉ ଯେଉଁମାନେ ରହିଛନ୍ତି। ସେମାନଙ୍କୁ ତୁରନ୍ତ ନାଗରିକତ୍ୱ ପ୍ରଦାନ କରାଯାଉ ବୋଲି ଦାବି ରହିଛି। ସରକାର ଅନେକ ବେଙ୍ଗଲୀ ସମ୍ପ୍ରଦାୟଙ୍କୁ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଆଉ ଯେଉଁମାନେ ବଳକା ରହିଛନ୍ତି। ସେମାନଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା। ମାତୃଭାଷା ବେଙ୍ଗଲୀ ବିଷୟ ରଖିବା ତା ସହିତ ବେଙ୍ଗଲୀ ଶିକ୍ଷକ ନିଯୁକ୍ତି ଦ୍ୱାରା ବେଙ୍ଗଲୀ ସମ୍ପ୍ରଦାୟ ସେମାନଙ୍କ ମାତୃ ଭାଷା ପଢି ବାରେ ସୁଯୋଗ ପାଇ ପାରିବେ। ଏ ଦିଗ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମ୍ମିଳନୀରେ ଆଲୋଚନା କରାଯାଇଥିଲା।

# ରକ୍ତଦାନ କରି ଜନ୍ମ ଦିନ ପାଳନ କଲେ ଦମ୍ପତି



ଧର୍ମଗଡ଼, (ଡିକେ ନ୍ୟୁଜ୍): ଜନ୍ମ ଦିନରେ କିଏ ମନ୍ଦିରରେ ଭଗବାନ ଦର୍ଶନ କରି ନିଜର ଜନ୍ମ ଦିନ ପାଳନ କରୁଥିବା ବେଳେ ଆଉ କିଏ ସାଙ୍ଗସାଥିଙ୍କ ସହ ରେଷ୍ଟୁରାଣ୍ଟରେ ହାପି ବାର୍ଥ ଡେ ଖିଆପିଆ କରି, ବୁଲାବୁଲି କରି ନିଜର ଜନ୍ମ ଦିନ ପାଳନ କରୁଥିବା ବେଳେ ରୋଗୀଙ୍କ ସେବା ପାଇଁ ସ୍ୱାମୀ ଓ ସ୍ତ୍ରୀ ନିଜର ରକ୍ତଦାନ କରି ଜନ୍ମ ଦିନକୁ ସ୍ମରଣୀୟ କରିଥିବା ଭଳି ଏକ ନିଆଁରା ଘଟଣା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ବାଙ୍କିମୁଣ୍ଡା ଗ୍ରାମର ଭୋଳାନାଥ ଭର୍ତିଆ ଓ ତାଙ୍କ ଧର୍ମପତ୍ନୀ ବାସନ୍ତି ସୁନାନୀ ସ୍ୱାମୀଙ୍କ ୪୪ ତମ ଜନ୍ମଦିନରେ ଧର୍ମଗଡ଼ ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜରୁରୀକାଳୀନ ରୋଗୀଙ୍କ ପାଇଁ ଜନ୍ମଦିନକୁ ସମର୍ପିତ କରିଛନ୍ତି। ଭୋଳାନାଥ ଭର୍ତିଆ ପେଶାରେ ଜଣେ ଗ୍ରାମରକ୍ଷୀ ଥିବା ବେଳେ ତାଙ୍କ ପତ୍ନୀ ବାସନ୍ତୀ ବେହେରା ପଞ୍ଚାୟତ ଗଇତାପଡା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ରହିଛନ୍ତି। ଭୋଳାନାଥ ଗ୍ରାମରକ୍ଷୀ ଭାବେ ନିୟୋଜିତ ହୋଇ ୨୫ ବର୍ଷ ହୋଇଥିବା ବେଳେ ପୋଲିସ ଚାକିରୀରେ ରକ୍ତଦାନର ମହତ୍ୱକୁ ବୁଝିଛନ୍ତି। ସେ ୪୪ ବର୍ଷ ମଧ୍ୟରେ ୨୫ ଥର ରକ୍ତଦାନ କରି ରୋଗୀଙ୍କ ଜୀବନ ରକ୍ଷା କରିବାରେ ଗୁଣ୍ଡୁଚି ମୁଷା ଭଳି କାର୍ଯ୍ୟ କରି ଅଞ୍ଚଳରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସ୍ୱାମୀଙ୍କ ଜନ୍ମ ଦିନରେ ସ୍ୱାମୀଙ୍କ ମନୋବଳ ବଢାଇବାକୁ ଦୁଇ ପାଦ ଆଗେ ଯାଇ ତାଙ୍କ ପତ୍ନୀ ମଧ୍ୟ ରକ୍ତଦାନ କରିଥିଲେ। ଧର୍ମଗଡ଼ ରକ୍ତ ଭଣ୍ଡାରରେ ଦମ୍ପତି ପହଞ୍ଚି ରକ୍ତଦାନ କରି ସମାଜକୁ ଜନ୍ମଦିନରେ କିଛି ମାନବସେବା କାର୍ଯ୍ୟ କରି ନିଜର ଜନ୍ମଦିନ ପାଳନ କରିବାକୁ ଏକ ନିଆଁରା ବାର୍ତ୍ତା ଦେଇଛନ୍ତି। ଏହି ସମୟରେ ରକ୍ତଦାନ ସେବାରେ ସମର୍ପିତ ସୋସିଆଲ ୱେଲ ଫେୟାର ସଙ୍ଗଠନର ସ୍ୱେଚ୍ଛାସେବୀ ଉମାକାନ୍ତ ସୁନାନୀ, ସାମ୍ବାଦିକ ଢଗ ନାଏକ, ବାଳକୃଷ୍ଣ ନାଏକ ଓ ଅନ୍ୟମାନେ ଉପସ୍ଥିତ ରହି ରକ୍ତଦାନ କରିଥିବା ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଇଂଲଣ୍ଡରେ ଅଭ୍ୟାସ ଆରମ୍ଭ କଲା ଭାରତୀୟ କ୍ରିକେଟ ଦଳ



ନୂଆଦିଲ୍ଲୀ, ୮।୬ (ହି.ସ): ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡରେ ଅଭ୍ୟାସ ଆରମ୍ଭ କରିଛି। ପ୍ରଥମ ଦିନରେ ଅଧିନାୟକ ଶୁଭମନ ଗିଲ, ଉପ-ଅଧିନାୟକ ରିଷଭ ପନ୍ତଙ୍କ ସମେତ ସମସ୍ତ ଖେଳାଳି ବହୁତ ଝାଳ ବୁହାଇଛନ୍ତି। ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଜୁନ୍ ୨୦ ତାରିଖରୁ ହେଡିଂଲି କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ। ଟିମ୍ ଇଣ୍ଡିଆ ବର୍ତ୍ତମାନ ଲଣ୍ଡନରେ ଅଛି, ଯେଉଁଠାରେ ସେମାନେ ଲର୍ଡସ୍ ଇଣ୍ଡୋର କ୍ରିକେଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଛନ୍ତି। ବିସିସିଆଇ ଏହାର ଭିଡିଓ ସେୟାର କରିଛି। ଇଂଲଣ୍ଡର ପରିସ୍ଥିତି ଦ୍ରୁତ ବୋଲରମାନଙ୍କୁ ସାହାଯ୍ୟ କରେ, ତେଣୁ ଜସପ୍ରିତ ବୁମରାଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ସେ ଏହି ଗସ୍ତରେ ୩ଟି ଟେଷ୍ଟ ଖେଳିବେ, ଏବେ ଦେଖିବାକୁ ବାକି ରହିଲା ଯେ, ସେ ପ୍ରଥମ ଟେଷ୍ଟର ପ୍ଲେଇଂ ୧୧ ରେ ସାମିଲ ଅଛନ୍ତି କି ନାହିଁ। ତଥାପି ସେ ଅଭ୍ୟାସରେ ମଧ୍ୟ କଠିନ ପରିଶ୍ରମ କରିଥିଲେ ଏବଂ ବହୁତ ଝାଳ ବୁହାଇଥିଲେ। ଏହାକୁ ଦେଖି ଲାଗୁଛି ଯେ, ସେ ପ୍ରଥମ ଟେଷ୍ଟରେ ଖେଳିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦଳ ଲର୍ଡସ୍ ଇଣ୍ଡୋର କ୍ରିକେଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଥିଲା, କ୍ରିକେଟ୍ ଅଭ୍ୟାସ ପୂର୍ବରୁ ସମସ୍ତ ଖେଳାଳି ଫୁଟବଲ୍ ଖେଳିଥିଲେ ଏବଂ ପରେ ବ୍ୟାୟାମ କରିଥିଲେ। ବୁମରା ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲଙ୍କ ସହ କଥାବାର୍ତ୍ତା କରୁଥିବା ଦେଖାଯାଇଥିଲା। ଏହି ସମୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ୍ୟ ସମସ୍ତ ଖେଳାଳିଙ୍କ ଅଭ୍ୟାସ ଦେଖୁଥିଲେ, ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ଯେ ସମସ୍ତ ଖେଳାଳି ଯଥାଶୀଘ୍ର ସେଠାକାର ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବେ। ଇଂଲଣ୍ଡର ପରିସ୍ଥିତି ଭାରତୀୟ ଖେଳାଳିମାନଙ୍କ ପାଇଁ ଟେଷ୍ଟରେ ସର୍ବଦା କଷ୍ଟକର, ଏଥର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭଳି ଅଭିଜ୍ଞ ଖେଳାଳି ମଧ୍ୟ ଦଳରେ ନାହାନ୍ତି। ଭାରତ ପୂର୍ବରୁ ୧୯ ଥର ଇଂଲଣ୍ଡ ଗସ୍ତ କରିଛି, ଯେଉଁଥିରୁ ଏହା କେବଳ ୩ ଥର ସିରିଜ ଜିତିଛି। ଶେଷ ଥର ପାଇଁ ଭାରତ ୨୦୦୭ରେ ରାହୁଲ ଦ୍ରାବିଡଙ୍କ ଅଧିନାୟକତ୍ୱରେ ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତିଥିଲା। ସେବେଠାରୁ ଟିମ୍ ଇଣ୍ଡିଆ ଏମ୍ ଏସ୍ ଧୋନି ଏବଂ ବିରାଟ କୋହଲିଙ୍କ ଅଧିନାୟକତ୍ୱରେ ୪ ଥର ଇଂଲଣ୍ଡ ଗସ୍ତରେ ଟେଷ୍ଟ ସିରିଜ ଖେଳିଛି, କିନ୍ତୁ କେବେ ଜିତିନାହିଁ। ୩ ଥର ହାରିଛି ଏବଂ ଥରେ ସିରିଜ ୨-୨ରେ ଡ୍ର ହୋଇଛି।

# ଅକ୍ଟୋବରରେ କେରଳ ଆସିବେ ଷ୍ଟାର ଫୁଟବଲର ମେସି



ନୂଆଦିଲ୍ଲୀ, ୮।୭ (ହି.ସ): ପୂର୍ବ ଘୋଷଣା ଅନୁସାରେ ଆର୍ଜେଣ୍ଟିନା ଫୁଟବଲ ଦଳ ଭାରତ ଗସ୍ତରେ ଆସି କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବ। ଏନେଇ କେରଳ ସରକାର ପ୍ରସ୍ତୁତି ଚଳାଇଥିବା କ୍ରୀଡ଼ାମନ୍ତ୍ରୀ ଭି.ଅବଦୁରାହିମାନ କହିଛନ୍ତି। ସେ କହିଛନ୍ତି, 'ମ୍ୟାଚ୍ ଆୟୋଜନ ନେଇ ପ୍ରାୟୋଜକ ଯୋଗାଡ଼ ହୋଇସାରିଛି। ସେମାନେ ମ୍ୟାଚ୍ ଫି ଦେବାକୁ ରାଜି ହୋଇଛନ୍ତି।' ଆର୍ଜେଣ୍ଟିନା ଦଳ ସହ ଷ୍ଟାର ଖେଳାଳି ଲିଓନେଲ ମେସି ମଧ୍ୟ ଆସିବେ। ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ମାସରେ ମ୍ୟାଚ୍ ଖେଳାଯିବ। ମ୍ୟାଚର ଅବ୍ୟବହିତ ପୂର୍ବରୁ ତାରିଖ ଓ ଭେନ୍ୟୁ ଘୋଷଣା କରାଯିବ। ଆର୍ଜେଣ୍ଟିନା ଦଳକୁ ରାଜ୍ୟ ଅତିଥିର ମାନ୍ୟତା ଦିଆଯିବ। ରାଜ୍ୟ ସରକାର ଖେଳାଳିଙ୍କର ସୁରକ୍ଷା, ରହିବା ଏବଂ ଅନ୍ୟାନ୍ୟ କଥା ବୁଝିବେ। ଦଳ ସହ ମେସି ଆସିବେ ବୋଲି କ୍ରୀଡ଼ାମନ୍ତ୍ରୀ ଅବଦୁରାହିମାନ ସୋସିଆଲ ମିଡିଆରେ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି।

# ସରିଲା କ୍ରିକେଟର ରିଙ୍କୁ ସିଂଙ୍କ ନିର୍ବନ୍ଧ; ପ୍ରିୟା ସରୋଜଙ୍କୁ ପିନ୍ଧାଇଲେ ମୁଦି



ଲକ୍ଷ୍ନୌ, ୮।୬ (ହି.ସ): ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି ଭାରତୀୟ କ୍ରିକେଟର ରିଙ୍କୁ ସିଂ। ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜଙ୍କ ସହ ରିଙ୍କୁ ସିଂଙ୍କ ନିର୍ବନ୍ଧ ସରିଛି। ଲକ୍ଷ୍ନୌର ଏକ ପଞ୍ଚତାରକା ହୋଟେଲରେ ରିଙ୍ଗ୍ ସେରିମନି ଅନୁଷ୍ଠିତ ହୋଇଛି। ନିର୍ବନ୍ଧ ବେଳର ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ରିଙ୍କୁ ପ୍ରିୟାଙ୍କୁ ମୁଦି ପିନ୍ଧାଇବା ବେଳେ ସେ ଭାବୁକ ହୋଇ ପଡିଥିଲେ। ଲୁହକୁ ଅଟକାଇ ପାରି ନଥିଲେ ସାଂସଦ ପ୍ରିୟା ସରୋଜ। ଦୁହିଁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଭାବୁକ ହେଲେ ପ୍ରିୟା ସରୋଜ- ରିଙ୍କୁ ସିଂ ମୁଦି ପିନ୍ଧାଇବା ବେଳେ ପ୍ରିୟା ଭାବୁକ ହୋଇ ପଡିଥିଲେ। ଲୁହକୁ ଅଟକାଇ ପାରିନଥିଲେ। ତାଙ୍କ ଆଖିରେ ଖୁସିର ଲୁହ ଆସିଥିଲା। ନିର୍ବନ୍ଧରେ ରିଙ୍କୁ ଧଳା ରଙ୍ଗର ଶେରୱାନୀ ପିନ୍ଧିଥିଲେ। ସାଂସଦ ପ୍ରିୟା ସରୋଜ ଲାଇଟ୍ ଗୋଲାପି ଲେହେଙ୍ଗା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଷ୍ଟେଜରେ ପ୍ରିୟା ପହଞ୍ଚିବା ପରେ ଭାବୁକ ହୋଇଥିଲା ଦେଖିବାକୁ ମିଳିଥିଲା। ରିଙ୍କୁ ସିଂ ତାଙ୍କୁ ସମ୍ଭାଳିଥିଲେ। ଏହା ପରେ ଦୁହେଁ ପରସ୍ପରକୁ ଚାହିଁ ହସିଥିଲେ। ଏହି ସମାରୋହରେ ପ୍ରାୟ ୩୦୦ ଅତିଥି ଯୋଗ ଦେଇଥିଲେ। ସପା ନେତା ରାମଗୋପାଳ ଯାଦବ, ଶିବପାଳ ସିଂହ ଯାଦବ ଓ ସାଂସଦ ରଜୀବ ରାୟ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଓ ଜୟା ବଚ୍ଚନ ପ୍ରମୁଖ ଯୋଗ ଦେଇଥିଲେ। ଦୁହିଁଙ୍କର କେବେ ବିବାହ କେବେ ସେ ନେଇ ତାରିଖ ଜଣା ପଡିନାହିଁ। କିଛି ଦିନ ତଳେ ଭାରତୀୟ କ୍ରିକେଟ ଦଳର ଚାଇନା ମ୍ୟାନ କୁଲଦୀପ ଯାଦବଙ୍କର ନିର୍ବନ୍ଧ ହୋଇଥିଲା। ପିଲାଦିନ ବନ୍ଧୁ ବଂଶୀକାଙ୍କ ସହ ତାଙ୍କର ନିର୍ବନ୍ଧ ହୋଇଥିଲା।

# 'ଟେଷ୍ଟରୁ ରୋହିତ-କୋହଲିଙ୍କ ଅବସର ଲଜ୍ୟାଜନକ'



ନୂଆଦିଲ୍ଲୀ, ୮।୬ (ହି.ସ): ରେଡ୍ ବଲ କ୍ରିକେଟରୁ ଅବସର ନେଇଛନ୍ତି ବିରାଟ କୋହଲି ଓ ରୋହିତ ଶର୍ମା। ଦୁଇ ବରିଷ୍ଠ ଖେଳାଳିଙ୍କ ବିନା ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଟିମ୍ ଇଣ୍ଡିଆ। ଶୁବମନ ଗିଲଙ୍କ ନେତୃତ୍ୱରେ ଇଂଲଣ୍ଡରେ ପହଞ୍ଚି ସାରିଛନ୍ତି ଭାରତ। ତେବେ ରୋହିତ ଓ କୋହଲିଙ୍କ ଟେଷ୍ଟରୁ ସନ୍ନ୍ୟାସ ନେବା ନେଇ କ'ଣ କହିଛନ୍ତି ଇଂଲଣ୍ଡର ବୋଲି କ୍ରିସ୍ ୱୋକ୍ସ। ୬ମାସ ହେବ ଖେଳରୁ ଦୂରରେ ଥିବା ଇଂଲଣ୍ଡର ଦ୍ରୁତ ବୋଲର କ୍ରିସ୍ ୱୋକ୍ସ କହିଛନ୍ତି, 'ରୋହିତ ଶର୍ମା ଓ ବିରାଟ କୋହଲିଙ୍କର ଟେଷ୍ଟ କ୍ରିକେଟରୁ ଅବସର ଲଜ୍ୟାଜନକ। ଏବେ ସେମାନେ ଟେଷ୍ଟ କ୍ରିକେଟ ଖେଳିବେ ନାହିଁ। ଯାହା ଖେଳ ପାଇଁ ଠିକ୍ ନୁହେଁ। ଗତ କିଛି ବର୍ଷ ହେବ ବିରାଟ ଓ ରୋହିତଙ୍କ ସହିତ ଭଲ ଲଢେଇ ହୋଇଛି। ଖେଳ ପାଇଁ ଏହା ବହୁତ ଲଜ୍ୟାର କଥା ଯେ ଏବେ ସେମାନେ ଆଉ ଖେଳିବେ ନାହିଁ। ଟିମ୍ ଇଣ୍ଡିଆରେ ଏହି ଦୁଇ ବରିଷ୍ଠ ଖେଳାଳି ନରହିବା ବ୍ୟାଟିଂ ବିଭାଗରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ମାତ୍ର ଭାରତୀୟ କ୍ରିକେଟ ଟିମକୁ ଯେଉଁ ଖେଳାଳି ଆସନ୍ତି ସେ ବହୁତ ଉଚ୍ଚସ୍ତରର ହୋଇଥାନ୍ତି। ସେମାନେ ନିଜକୁ ପ୍ରମାଣିତ କରିଥାନ୍ତି।' ସେହିପରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରଶଂସା କରି କ୍ରିସ୍ ୱୋକ୍ସ କହିଛନ୍ତି, 'ସେମାନଙ୍କ ବିପକ୍ଷରେ ବୋଲିଂ କରିବା କଷ୍ଟକର ହେବ। ପରିସ୍ଥିତି ଯେମିତି ବି ହେଉ ସେମାନଙ୍କ ବିପକ୍ଷରେ କେଉଁଠି ବି ଖେଳନ୍ତୁ। ଭାରତୀୟ ବ୍ୟାଟ୍ସମ୍ୟାନ ବହୁତ ଭଲ ରହିଥାନ୍ତି। ଏହା ଏକ କଠିନ ଚ୍ୟାଲେଞ୍ଜ ହେବ। କେଏଲ ରାହୁଲ ବହୁତ ଭଲ ଫର୍ମରେ ଅଛନ୍ତି।' ୨୦ରୁ ଶୁବମନଙ୍କ ସହ ନୂଆ ଯୁଗର ଶୁଭାରମ୍ଭ- ରୋହିତ ଓ ବିରାଟଙ୍କ ଅବସର ପରେ ଭାରତୀୟ ଟେଷ୍ଟ କ୍ରିକେଟ ଦଳର ନୂଆ ଅଧିନାୟକ ହୋଇଛନ୍ତି ଷ୍ଟାର ଖେଳାଳି ଶୁବମନ ଗିଲ୍। ଆସନ୍ତା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁବମନଙ୍କ ସହ ନୂଆ ଯୁଗର ଆରମ୍ଭ କରିବ ଭାରତୀୟ କ୍ରିକେଟ ଦଳ। ଇଂଲଣ୍ଡରେ ଭାରତ ୫ଟି ଟେଷ୍ଟ ମ୍ୟାଚ ଖେଳିବ। ୨୦ରୁ ହେଡିଂଲେରେ ପ୍ରଥମ ମ୍ୟାଚ ଖେଳାଯିବ। ଆଇସିସି ବିଶ୍ୱ ଟେଷ୍ଟ ଚମ୍ପିଆନସିପ ୨୦୨୫-୨୭ ଚକ୍ରରେ ଇଂଲଣ୍ଡ ବିପକ୍ଷରେ ଭାରତ ଅଭିଯାନ ଆରମ୍ଭ କରିବ। ଟେଷ୍ଟ ସିରିଜ ପୂର୍ବରୁ ପ୍ରଥମେ ରୋହିତ ଶର୍ମା ଓ ପରେ ବିରାଟ କୋହଲି ରେଡ୍ ବଲ କ୍ରିକେଟରୁ ଅବସର ଘୋଷଣା କରିଥିଲେ।

# ୧୩ରୁ ଆରମ୍ଭ ହେବ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା

ଧର୍ମଶାଳା, ୮।୬ (ହି.ସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତରଠାରେ ୭୦ତମ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ଥର ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ମୋଟ୍ ୩୨ଟି ପୁରୁଷ ଓ ମହିଳା ଦଳ ଭାଗନେବେ। ଏନେଇ ଯାଜପୁର କବାଡ଼ି ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିବର୍ଷ ରଜ ପର୍ବ ଅବସରରେ ଏହି ଖଣ୍ଡିତର ଠାରେ ଯାଜପୁର କବାଡ଼ି ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଜୁନ୍ ୧୩ଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ଏସପି ରବୀନ୍ଦ୍ର ନାରାୟଣ ବେହେରା। ସେହିପରି ଉଦଯାପନୀ ଉତ୍ସବରେ କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୩୨ଟି ପୁରୁଷ ଓ ମହିଳା ଦଳ ଭାଗ ନେବେ। ପୁରୁଷ ବର୍ଗରେ ବିଜୟୀ ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧ ଲକ୍ଷ ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଦଳକୁ ୬୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ମହିଳା ବର୍ଗରେ ବିଜୟୀ ଦଳକୁ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଦଳକୁ ୩୦ ହଜାର ଓ ତୃତୀୟ ସ୍ଥାନରେ ରହିଥିବା ଦଳକୁ ୨୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ।

# ବୟସ ଜାଲିଆତି ଅଭିଯୋଗ, ୩୦ ଜୁନିୟର କୁସ୍ତିଯୋଦ୍ଧାଙ୍କୁ ସସପେଣ୍ଡ୍ କଲା ଡବ୍ଲୁଏଫ୍ଆଇ

ନୂଆଦିଲ୍ଲୀ, ୮।୭ (ହି.ସ): ବୟସ ଜାଲିଆତି କରିବା ଅଭିଯୋଗରେ ୩୦ଜଣ ଜୁନିୟର କୁସ୍ତିଯୋଦ୍ଧାଙ୍କୁ ସସପେଣ୍ଡ୍ କରିଛି ଡବ୍ଲୁଏଫ୍ଆଇ (ଭାରତୀୟ କୁସ୍ତି ସଂଘ)। ନକଲି ଜନ୍ମ ପ୍ରମାଣ ପତ୍ର ଦେଇ ଜୁନିୟର ବର୍ଗରେ କିଛି କୁସ୍ତିଯୋଦ୍ଧା ଖେଳୁଥିବା ବିଷୟରେ ୪୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ରହିଥିଲା। ଡବ୍ଲୁଏଫ୍ଆଇ ଅଭିଯୋଗର ତଦନ୍ତ କରି ପ୍ରଥମ ପର୍ଯ୍ୟାୟରେ ୩୦ଜଣଙ୍କୁ ସସପେଣ୍ଡ୍ କରିଛି। ହରିୟାଣାର କିଛି କୁସ୍ତିଯୋଦ୍ଧା ମିଥ୍ୟା ଜନ୍ମ ପ୍ରମାଣ ପତ୍ର ଦେଇ ଗତ ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଭାଗ ନେଇଥିଲେ। ସେମାନେ ଦିଲ୍ଲୀରେ ଜନ୍ମ ହୋଇଥିବା ଦର୍ଶାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପଦକ ମଧ୍ୟ ଜିତିଥିଲେ। ରୋହିଣୀ ଓ ନରେଲାରେ ଜନ୍ମ ପ୍ରମାଣ ପତ୍ର ଦେଇ କୁସ୍ତିଯୁଦ୍ଧାମାନେ ଜୁନିୟର ବର୍ଗର ବିଭିନ୍ନ ପ୍ରତିଯୋଗିତାରେ କିଛି ବର୍ଷ ହେଲା ଭାଗ ନେଇ ଆସୁଛନ୍ତି।

# 'ଅମିତାଭ ବଚ୍ଚନ ଜଣେ ବହୁତ ଭଲ ଏବଂ ନମ୍ର ବ୍ୟକ୍ତି'



ମୁମ୍ବାଇ, ୮।୬ (ହି.ସ): ବଲିଉଡର ଶେହନ୍ସା ବିଗ୍ ବି ଅମିତାଭ ବଚ୍ଚନଙ୍କୁ କିଏ ବା ନ ଜଣେ। ସେ ୨୦୦ରୁ ଅଧିକ ଫିଲ୍ମରେ କାମ କରିଛନ୍ତି। ଦର୍ଶକଙ୍କ ସହିତ ତାଙ୍କ ସହ-କଳାକାରଙ୍କୁ ମଧ୍ୟ ତାଙ୍କ ପାଇଁ ପାଗଳ କରିଛନ୍ତି। ଏହାରି ମଧ୍ୟରେ 'କଳକି ୨୮୯୮ ଏଡି' ଅଭିନେତ୍ରୀ ଶୋଭନା ବିଗ୍ ବିଙ୍କ ବିଷୟରେ କହି ତାଙ୍କର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଅଭିନେତା ତାଙ୍କୁ କିପରି ସାହାଯ୍ୟ କରିଥିଲେ। ଅଭିନେତ୍ରୀ ଶୋଭନା ନିକଟରେ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଲାଇଭରେ ଆସି ତାଙ୍କ ଫ୍ୟାନ୍ସଙ୍କ ସହ ଭାବ ବିନିମୟ କରିଥିଲେ। ଏହି ସମୟରେ, ସେ ବଲିଉଡ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସହ କାମ କରିବାର ଅଭିଜ୍ଞତା ବିଷୟରେ ସୂଚନା ଦେଇଥିଲେ। ଏକ ଗୀତର ସୁଟିଂ ସମୟରେ ଅମିତାଭଙ୍କ ସହ ସ୍କ୍ରିନ୍ ସେୟାର କରିଥିବା ବେଳେ ଶୋଭନା ତାଙ୍କ ଭଦ୍ରତା ଏବଂ ବୃତ୍ତିଗତ ଆଚରଣର ପ୍ରଶଂସା କରିଥିଲେ। ଶୋଭନା ଅହମ୍ମଦାବାଦରେ ସୁଟ୍ ହୋଇଥିବା ଏକ ଗୀତ ସହିତ ଜଡ଼ିତ ଏକ ସ୍ମରଣୀୟ ଘଟଣା ମଧ୍ୟ ମନେ ପକାଇଥିଲେ। ଶୋଭନା ମନେ ପକାଇ କହିଥିଲେ ଯେ, ଯେତେବେଳେ ତାଙ୍କୁ ଗଛ ପଛରେ ପୋଷାକ ବଦଳାଇବାକୁ କୁହାଯାଇଥିଲା ସେତେବେଳେ ଅମିତାଭ ବଚ୍ଚନ କିପରି ପ୍ରତିକ୍ରିୟା ଦେଇଥିଲେ। ଶୋଭନା କହିଥିଲେ, 'ବଚ୍ଚନ ସାର୍, ସେବେଠାରୁ ଏପର୍ଯ୍ୟନ୍ତ, ସମାନ -ମୁଁ ଯେଉଁମାନଙ୍କ ସହିତ କାମ କରିଛି ସେମାନଙ୍କ ମଧ୍ୟରୁ ସବୁଠାରୁ ନମ୍ର କଳାକାର। ସେ ଆହୁରି ମଧ୍ୟ କହିଥିଲେ ଯେ, ସେ ଯେତେବେଳେ 'କଳକି ୨୮୯୮ ଏଡି'ରେ ଅମିତାଭ ବଚ୍ଚନଙ୍କ ସହ ପୁଣି ଥରେ କାମ କରିବାର ସୁଯୋଗ ପାଇଥିଲେ, ସେହି କଥାକୁ ମନେ ପକାଇଥିଲେ। ଅମିତାଭ ବଚ୍ଚନ ଜଣେ ବହୁତ ଭଲ ଏବଂ ନମ୍ର ବ୍ୟକ୍ତି। ଯେତେବେଳେ କେହି ତାଙ୍କୁ ଭେଟନ୍ତି ସେ ବହୁତ ଭଲ ବ୍ୟବହାର କରନ୍ତି। ସେ ଆହୁରି କହିଥିଲେ ଯେ ଏତେ ବଡ଼ ଷ୍ଟାର ହେବା ଏବଂ ଭାରୀ କୃତ୍ରିମ ମେକଅପ୍ ପିନ୍ଧିବା ସତ୍ତ୍ୱେ, ସେ ଠିଆ ହୋଇ ଲୋକଙ୍କୁ ସମ୍ମାନର ସହିତ ଭେଟୁଥିଲେ।







କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik